## ବାଇକରୁ ପଡି ଯୁବକ ମୃତ

ଭବାନୀପାଟଣା,(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଜୁନାଗଡ଼ ଓ ଧର୍ମଗଡ଼ ମଧ୍ୟରେ ଥିବା ହାଲେର ଜୋର ନିକଟରେ ଶୁକ୍ରବାର ରାତି ପ୍ରାୟ ୮ଟାରେ ବାଇକରୁ ପଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଜୁନାଗଡ଼ ଥାନା ଅନ୍ତର୍ଗତ ସନ୍ୟାସୀକୁଣ୍ଡାମାଲ ଗ୍ରାମର ଶ୍ୟାମ ନାଏକ ବୋଲି ଜଣାପଡିଛି। ଧର୍ମଗଡ଼ ପୋଲିସ ମୃତଦେହ ଜବତ କରିଛି।

## ସଂକ୍ଷେପରେ

### ନିଲମ୍ବିତ ହେଲେ ପ୍ରଧାନଶିକ୍ଷକ

**ମହଙ୍ଗା ପଡ଼ିଲା ଶିକ୍ଷୟିତ୍ରୀଙ୍କୁ ଦୁର୍ବ୍ୟବହାର**

ଭବାନୀପାଟଣା,୩।୩(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଭେଜିପଦର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଜୟନ୍ତ କୁମାର ପତିଙ୍କୁ ଉକ୍ତ ସ୍କୁଲ ଜଣେ ଶିକ୍ଷୟିତ୍ରୀଙ୍କୁ ଦୁର୍ବ୍ୟବହାର କରିବା ମହଙ୍ଗା ପଡିଛି। ଏପରି ଆଚରଣଗତ ସମସ୍ୟାକୁ ନେଇ ତଙ୍କୁ ସ୍ଥାନୀୟ ବିଇଓ ନିଲମ୍ବିତ କରିଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଭେଜିପଦର ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜୟନ୍ତ କୁମାର ପତି ସ୍କୁଲର ଜଣେ ଶିକ୍ଷୟିତ୍ରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଭବାନୀପାଟଣା ସଦର ବିଇଓ ଏକ ୩ଜଣିଆ ଟିମ ଗଠନ କରି ତଦନ୍ତର ଦାୟିତ୍ୱ ଦେଇଥିଲେ। ଏହି ଟିମର ରିପୋର୍ଟ ପାଇବା ପରେ ଜିଲା ଶିକ୍ଷାଧିକାରୀଙ୍କ ପତ୍ର ନଂ. ୧୪୫୯/ତା ୧।୩।୨୦୨୩ ଅନୁଯାୟୀ ବିଇଓଙ୍କ ପତ୍ର ନଂ ୫୧୨/ତା ୨।୩।୨୦୨୩ରେ ପ୍ରଧାନ ଶିକ୍ଷକ ଜୟନ୍ତ କୁମାର ପତିଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି।

### ସୁନାବେଡା ଅଭୟାରଣ୍ୟରେ ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳିତ

ନୂଆପଡ଼ା ଅଫିସ,୩।୩: ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ସୁନାବେଡା ଅଭୟାରଣ୍ୟ ସୁନାବେଡା ଆଶ୍ରମ ବିଦ୍ୟାଳୟଠାରେ ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧରସିଂ ମାଝିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସୁନାବେଡା ବନ୍ୟପ୍ରାଣୀ ରେଞ୍ଜର ଶିବ ପ୍ରସାଦ ଖମାରୀ ମୁଖ୍ୟଅତିଥି, ସୁନାଦେଈ ମନ୍ଦିର ପୂଜକ ବା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଶ୍ରାମ ଛତ୍ରିଆ, ଶିକ୍ଷକ ବ୍ରଜ ମୋହନ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବନ୍ୟପ୍ରାଣୀର ସୁରକ୍ଷା ଓ ନିରାପତା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ମହେନ୍ଦ୍ର ବାଗ ସଭା ପରିଚାଳନା କରିଥିବା ବେଳେ ଅରୁଣ ବିଶ୍ୱାଳ ବିଷୟ ବସ୍ତୁ ଉପରେ ବିସ୍ତୃତ ଭାବେ ଉପସ୍ଥିତ ବନବାସୀମାନଙ୍କୁ ବୁଝାଇଥିଲେ। ଏହି ଅବସରରେ ବିଦ୍ୟାଳୟରେ ବନ୍ୟପ୍ରାଣୀ ବିଷୟ ବସ୍ତୁ ଉପରେ ଏକ ସାଧାରଣ ଜ୍ଞାନ ପରୀକ୍ଷା କରାଯାଇଥିଲା। କୃତୀ ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟଅତିଥି ଖମାରୀ ପୁରସ୍କାର ପ୍ରଦାନ କରିଥିଲେ।



କୃତୀ ଛାତ୍ରଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରୁଛନ୍ତି।

# ଗ୍ରୀଷ୍ମଋତୁରେ ଜଳକଷ୍ଟ ଦୂର ଉପରେ ଗୁରୁତ୍ୱ

**ସଦର ପଞ୍ଚାୟତ ସମିତି ବୈଠକ**

ନୂଆପଡ଼ା ଅଫିସ,୩।୩

ନୂଆପଡା ସଦର ବ୍ଲକ ରାଜୀବ ସେବାକେନ୍ଦ୍ର ସମ୍ମିଳନୀ କକ୍ଷରେ ସଦର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଦର ଗୋଷ୍ଠି ଉନ୍ନୟନ ଅଧିକାରୀ ସୁବେଦାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଉପାଧ୍ୟକ୍ଷ ଦିଲୀପ ନିର୍ମଳକର, ଜିଲା ପରିଷଦ ଭାନୁ ପ୍ରତାପ ସିଂ ମାଝି, ଉମା ଠାକୁରଙ୍କ ସମେତ ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ଯୋଗ ଦେଇଥିଲେ। ଏହି ବୈଠକରେ ବ୍ଲକର ସମସ୍ତ ସରପଞ୍ଚ ଓ ସମିତି ସଭ୍ୟା/ସଭ୍ୟ ଯୋଗଦେଇ ଗ୍ରୀଷ୍ମ ଋତୁ ପୂର୍ବରୁ ଗ୍ରାମାଞ୍ଚଳରେ ଜଳ କଷ୍ଟ ଦେଖା ଦେଲାଣି ବୋଲି ଅଭିଯୋଗ କରିଥିଲେ। ଗ୍ରୀଷ୍ମ ଋତୁକୁ ଦୃଷ୍ଟିରେ ରଖି କୌଣସି ଗାଁ ବା ପଡାରେ ପାନୀୟ ଜଳର କଷ୍ଟ ନ ହେଉ ସେହି ଉପରେ ଗୁରତ୍ୱ ଦେଇ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ଗ୍ରାମାଞ୍ଚଳରେ ଖରାପ ହୋଇ ପଡିରହିଥିବା ନଳକୂଅଗୁଡ଼ିକୁ ଶୀଘ୍ର ମରାମତି କରିବା ପାଇଁ ପଞ୍ଚାୟତକୁ ନିର୍ଦ୍ଦେଶ ଦେଇଥିଲେ। ନଳକୂଅ ମରାମତି ପାଇଁ ଆବଶ୍ୟକ ସାମାନ ଯୋଗାଇ ଦେବା ପାଇଁ ମଧ୍ୟ ଆଲୋଚନା ହୋଇଥିଲା। ଏହା ବ୍ୟତୀତ ବର୍ତ୍ତମାନ ସମୟରେ ମେଗା ପାନୀୟ ଜଳ ପ୍ରକଳ୍ପରୁ ପାନୀୟ ଜଳ ପାଉଥିବା ହିତାଧିକାରୀମାନଙ୍କୁ ଚିହ୍ନଟ କରି ସେମାନଙ୍କଠାରୁ କିଛି ଶୁଳ୍କ ଆଦାୟ କରିବା ପାଇଁ ନିଷ୍ପତି ନିଆଯାଇଥିଲା। ଭାଲେଶ୍ୱର ସରପଞ୍ଚ ସରୋଜ ଦେବୀ ଅଗ୍ରୱାଲ ଡ୍ରୋନ ସାହାଯ୍ୟରେ ଭତ୍ତା ଟଙ୍କା ପଠାଇଥିବାରୁ ତାଙ୍କୁ ପ୍ରଶଂସା କରି ପଞ୍ଚାୟତ ସମିତି ପକ୍ଷରୁ ସମ୍ମାନିତ କରାଯାଇଥିଲା।



ସରପଞ୍ଚଙ୍କୁ ସମ୍ମାନିତ କରାଯାଉଛି।

# କଲର ପେଣ୍ଟର ସଂଘ ପକ୍ଷରୁ ଦାବିପତ୍ର



ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଜୁନାଗଡ଼,୩।୩(ଡି.ଏନ.ଏ.)

କଲର ପେଣ୍ଟରମାନଙ୍କ ବିଭିନ୍ନ ସମସ୍ୟା ନେଇ କଳାହାଣ୍ଡି ଜିଲା କଲର ୱାର୍କସ ୟୁନିୟନ ପକ୍ଷରୁ ଶୁକ୍ରବାର ଜୁନାଗଡ଼ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଦାବିପତ୍ର ପ୍ରଦାନ କରାଯାଇଛି। ଆରମ୍ଭରେ ସ୍ଥାନୀୟ ଏସବିଆଇ ଇଭିନିଂ ବ୍ୟାଙ୍କ ସମ୍ମୁଖରୁ ଏକ ଶୋଭାଯାତ୍ରାରେ ବାହାରି ଲଙ୍କେଶ୍ୱରୀ ଛକ, ନୂଆବସଷ୍ଟାଣ୍ଡ, କଳମପୁର ଛକ, ପୁରୁଣାବସଷ୍ଟାଣ୍ଡ ଦେଇ ବ୍ଲକ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ କଲର ପେଣ୍ଟର ସଂଘର ଜୁନାଗଡ଼ ବ୍ଲକ ସଭାପତି ଜବରସିଂ ତାଣ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ସମ୍ପାଦକ ଆଲୋକ ଛାତ୍ରିଆ, ଉପସଭାପତି ରାଧେଶ୍ୟାମ ଦୀପ, ସହସମ୍ପାଦକ କୁମରମଣି କନ୍ଦପାନ, କୋଷାଧ୍ୟକ୍ଷ ସିଧାର୍ଥ କଟା, କଳାହାଣ୍ଡି ଆବାହକ ଜଗଦୀଶ ଦୁର୍ଗା, ଉପଦେଷ୍ଟା ଦାମୋଦର ବେହେରା, ସଞ୍ଜୟ ସୁନାନୀ, ଶୁଶାନ୍ତ କୁମାର ଜାଲ, ରାଜ୍ୟ ଉପସଭାପତି ଅକ୍ଷୟ କୁମାର ମେହେର, ଧର୍ମଗଡ଼ ସଭାପତି ଦେବରାଜ ଲହଜଲ, ସମ୍ପାଦକ ବୀଣା ଶବର, କୋଷାଧ୍ୟକ୍ଷ କୁନୁ ଭୋଇ ପ୍ରମୁଖ ଉଦବୋଧନ ଦେଇଥିଲେ। ପରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବିରେ କଲର ପୋଣ୍ଟର ଶ୍ରମିକମାନଙ୍କୁ କୁଶଳୀ ଶ୍ରମିକର ମାନ୍ୟତା ପ୍ରଦାନ, ଦୈନିକ ମଜୁରୀ ୬୦୦ କରିବା, ଦୁର୍ଘଟଣା ଜନିତ ମୃତ୍ୟୁ ସହାୟତା ରାଶି ୧୦ ଲକ୍ଷ ଟଙ୍କା ପ୍ରଦାନ, ସମ୍ପୂର୍ଣ୍ଣ ବିଦ୍ୟାଙ୍ଗ ଶ୍ରମିକଙ୍କୁ ୫ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବା, ସମସ୍ତ ଶ୍ରମିକମାନଙ୍କୁ ତାଲିମ ପ୍ରଦାନ କରିବା ନିମନ୍ତେ ତାଲିମ କେନ୍ଦ୍ର ସ୍ଥାପନ କରିବା, ତାଲିମପ୍ରାପ୍ତ ଶ୍ରମିକମାନଙ୍କୁ ସାର୍ଟିଫିକେଟ ଦେବା ବ୍ୟବସ୍ଥା କରିବା, ସମସ୍ତ ସରକାରୀ କାର୍ଯ୍ୟକୁ ୟୁନିୟନ ମାଧ୍ୟମରେ କରିବା ସମେତ ୭ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୱରେ ଜୁନାଗଡ଼ ବିଡ଼ିଓଙ୍କୁ ପ୍ରଦାନ କରାଯାଇଛି।

# ପାରମ୍ପରିକ ଖାଦ୍ୟମେଳା, ଶସ୍ୟ ପ୍ରଦର୍ଶିତ





ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ପଲମ,୩।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ଟକର୍ଲା ପଞ୍ଚାୟତସ୍ଥିତ କ୍ଷେତୁପଡା ଗ୍ରାମରେ ଶୁକ୍ରବାର ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ସୋଶାଇଟି ପକ୍ଷରୁ ପାରମ୍ପରିକ ଖାଦ୍ୟମେଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନର୍ଲା ବ୍ଲକ ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ସିଡିପିଓ ନିବାସିନୀ ବିଶ୍ୱାଳ, ଅତିରିକ୍ତ ବ୍ଲକ କୃଷି ଅଧିକାରୀ ରଜତ କୁମାର ମିଶ୍ର, ସମ୍ମାନିତ ଅତିଥି ନର୍ଲା କ ଜୋନ ଜିଲା ପରିଷଦ ସଭ୍ୟା ନମ୍ରତା ସାହୁ, ଗିଗିନା ସରପଞ୍ଚ ସୁଧାମୟୀ କୁମାର, ମିଶନଶକ୍ତି ବିପିସି ରୋହିତ ବିଶ୍ୱାଳ, ଆଇଜିଏସ୍ଏସ୍ଏସ୍ ରାଜ୍ୟ ସଂଯୋଜକ ବସନ୍ତ କୁମାର ପାଣିଗ୍ରାହୀ, ଓଡିଶା ମିଲେଟ ମିଶନ କର୍ଲାମୁଣ୍ଡା ବ୍ଲକ ବିପିସି ଜଗଦିଶ ପ୍ରସାଦ ରଣା, ଓଡିଶା ମିଲେଟ ମିଶନ କର୍ଲାମୁଣ୍ଡା ବ୍ଲକ ଏବିପିସି ପ୍ରଦୀପ କୁମାର ସାହୁ, ଟକର୍ଲା ସମିତି ସଭ୍ୟା ବୁଇରାଣି ରାଉତ, ଆଇସିଡିଏସ ସୁପରଭାଇଜର ସଂଘମିତ୍ରା ପଟ୍ଟନାୟକ, ପଲମ ସୁପରଭାଇଜର କୁନ୍ତଳା ନାଗ, ଏନଆରଏଚଏମ ସୁର୍ଯ୍ୟନାରାୟଣ ଆଚାରୀ, ଏଏନଏମ ଅର୍ନ୍ନ ମାଝି, ସୁପୋଷଣ ଗ୍ରାମୀଣ କାର୍ଯ୍ୟକ୍ରମ ସଂଯୋଜକ ଅମ୍ବରିଶ ମିଶ୍ର ପ୍ରମୁଖ ସୁପୋଷଣ ଏବଂ ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ସୋଶାଇଟି ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ନର୍ଲା, କର୍ଲାମୁଣ୍ଡା ଓ ମ.ରାମପୁର ବ୍ଲକର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଖାଦ୍ୟମେଳା ଏବଂ ପାରମ୍ପାରିକ ଶସ୍ୟ ପ୍ରଦର୍ଶିତ ହୋଇଥିଲା। ପ୍ରକାଶ ଯୋଗ୍ୟ ଯେ, ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ସୋଶାଇଟି ଜିଲାର କର୍ଲାମୁଣ୍ଡା ବ୍ଲକରେ ମିଲେଟ ମିଶନ ଓ ମ.ରାମପୁର ଏବଂ ନର୍ଲା ବ୍ଲକରେ ସୁପୋଷଣ କାର୍ଯ୍ୟକ୍ରମ ଜାରି ରହିଛି। ଅଞ୍ଚଳରୁ କୁପୋଷଣ ଦୂର କରିବା ପାଇଁ ଅଭିଯାନର ମୂଳ ଲକ୍ଷ୍ୟ ବୋଲି ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ସୋଶାଇଟି ପକ୍ଷରୁ ମତପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ବ୍ଲକ ସଂଯୋଜକ କର୍ଲାମୁଣ୍ଡା ପ୍ରଦୀପ କୁମାର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଗ୍ରାମୀଣ ସଂଯୋଜକ ଜିତେନ୍ଦ୍ର ଭୋଇ, ତିଲେଶ୍ୱର ଗଉଡ, ପୁଷ୍ପଲତା ବାରିକ ପ୍ରମୁଖ ଓ କ୍ଷେତୁପଡା ଗ୍ରାମର ସମସ୍ତ ଏସଏଚଜି ମହିଳା ଓ ଜନସାଧାରଣ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ୩ଟି ବ୍ଲକର ଅନେକ ଚାଷୀ, ଉତ୍ପାଦକ ଗୋଷ୍ଠୀ, ଏସଏଚଜି ଗ୍ରୁପ ଉପସ୍ଥିତ ରହିଥିଲେ। ଉତ୍ତମ ଚାଷୀ, ଉତ୍ପାଦକ ଗୋଷ୍ଠୀ, ଏସ୍ଏଚଜି ଗ୍ରୁପକୁ ଆଇଜିଏସଏସଏସସ୍ତରୀୟରୁ ମାନପତ୍ର ପ୍ରଦାନ କରାଯାଇଥିଲା।

### ଗୋଷ୍ଠୀ ସଂଘର୍ଷ ଘଟଣା: ୨ ଗୁରୁତରଙ୍କୁ ବୁର୍ଲା ସ୍ଥାନାନ୍ତର

ଖଡ଼ିଆଳ,୩।୩(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ୱାର୍ଡ ନମ୍ବର ୨ ସତନାମୀ ପଡ଼ାରେ ଜାଗା ବିବାଦକୁ ନେଇ ଗୋଷ୍ଠୀ ସଂଘର୍ଷ ଘଟଣାରେ ଗୁରୁତର ୨ଜଣଙ୍କୁ ପ୍ରଥମେ ନୂଆପଡା ମୁଖ୍ୟ ଚିକିତ୍ସାଳୟ ପରେ ବୁର୍ଲାକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ୨୫ ତାରିଖରେ ନାଳ ତିଆରି ହେଉଥିବା ବେଳେ ଦୁଇ ଗୋଷ୍ଠି ମଧ୍ୟରେ ମାର୍ପିଟ ହୋଇଥିଲା। ଗୋଟିଏ ଗୋଷ୍ଠି ହେମନ୍ତ ମନହରେ, ନବୀନ ଧିରି, ଭରତ ଧିରି, ରଞ୍ଜନ ସତନାମୀ ଓ ଅନ୍ୟମାନେ ଥିବା ବେଳ ଅନ୍ୟ ଗୋଷ୍ଠି ବସନ୍ତ ପଟେଲ, ଦୁର୍ବାରଞ୍ଜନ ପଟେଲ, ସମ୍ପର୍କୀୟ ଭୀଷ୍ମ ନାଏକ ଥିଲେ। ୨ ଜଣ ନିମାଇଁ ପଟେଲ ଓ ସୁମନ୍ତ ପଟେଲ ଗୁରୁତର ଥିବାରୁ ଜିଲା ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ପଟେଲ ଗୋଷ୍ଠୀ କାରରେ ଯାଉଥିଲା ବେଳେ ଅଟକାଇ ମାଡପିଟ କରି କାର ଭାଙ୍ଗି ଦେଇଥିବା ଅଭିଯୋଗ ମଧ୍ୟ ହୋଇଛି। ଅନ୍ୟ ପଟେ ହେମନ୍ତ ମନହରେ ଗୋଷ୍ଠୀର ଲୋକମାନେ ସାମାନ୍ୟ ଆହତ ହୋଇଛନ୍ତି। ଏ ନେଇ ୨ଟି ପୃଥକ ମାମଲା ହୋଇଛି। ଘଟଣାର ତଦନ୍ତ ଚାଲିଛି ବୋଲି ଖଡ଼ିଆଳ ଥାନାଧିକାରୀ ଅନିରୁଦ୍ଧ ମୁଦୁଲି ପ୍ରକାଶ କରିଛନ୍ତି।

# ବିଜୁ ଏକ୍ସପ୍ରେସ୍ ୱେ ଉଦ୍‌ଘାଟନ ପୂର୍ବରୁ ସ୍ଥିତି ଅନୁଧ୍ୟାନ



ପ୍ରଶାସନିକ ଅଧିକାରୀ ଓ ରାଜନେତାମାନେ ବିଜୁ ଏକ୍ସପ୍ରେସ ୱେ ତଦାରଖ କରୁଛନ୍ତି।

କୋକସରା,୩।୩(ଡି.ଏନ.ଏ.)

ଆସନ୍ତା ୫ରେ କଳାହାଣ୍ଡି ଜିଲା ଆମପାଣି ନିକଟରେ ବିଜୁ ଏକ୍ସପ୍ରେସ ୱେ ଲୋକାର୍ପଣ କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ପୂର୍ତ୍ତ ବିଭାଗ ପକ୍ଷରୁ କାର୍ଯ୍ୟ ସମ୍ପାଦନ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଶୁକ୍ରବାର ଅପରାହ୍ନରେ ସ୍ଥିତି ଅନୁଧ୍ୟାନ କରିଛନ୍ତି ରାଜ୍ୟ ସଭା ସଦସ୍ୟ ସୁଜିତ କୁମାରଙ୍କ ସହ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ରାଜେଶ ପଣ୍ଡିତ, ନବରଙ୍ଗପୁର ଓ କଳାହାଣ୍ଡି ଦାୟିତ୍ୱରେ ଥିବା ଏସ୍‌ପି ଏସ. ସୁଶ୍ରୀ, ଅତିରିକ୍ତ ଏସପି ବିଜୟ କୁମାର ନନ୍ଦ, କଳାହାଣ୍ଡି ଜିଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ବିଧାୟକ ମୋକ୍ଷଧ୍ୱ ବାଗ, ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ଆମପାଣି ଜିଲା ପରିଷଦ ସଭ୍ୟ ହେମନ୍ତ ମାଝି, ଜିଲା ବିଜେଡି ଯୁବ ସଭାପତି ଆଦିତ୍ୟ ନନ୍ଦ, ରାଜ୍ୟ ବରିଷ୍ଠ ଉପ ସଭାପତି ବିଜେଡି ଯୁବ ଜନତା ଦଳ ମଣ୍ଟୁ ନାଏକ, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ନାରିନେତ୍ରୀ ତିଲୋତ୍ତମା ନାଏକ, ଧର୍ମଗଡ ଉପଖଣ୍ଡ ପୋଲିସ ଅଧିକାରୀ ଧିରଜ କୁମାର ଚୋପଦାର, ବିଡିଓ ଦେବବ୍ରତ କରାଟି, ପୂର୍ତ୍ତ ବିଭାଗ ଅଧିକାରୀ ଉପସ୍ଥିତ ରହିଥିଲେ। ପ୍ରଶାସନିକ ଅଧିକାରୀ ଓ ରାଜ୍ୟ ଶାସକ ଦଳର ନେତୃବୃନ୍ଦ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ପୂର୍ତ୍ତ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି।

# ମହିଳା ଚାଷୀଙ୍କୁ ଷ୍ଟ୍ରବେରି ଚାଷ ପାଇଁ ଉତ୍ସାହିତ କଲେ

**ବିଡିଓଙ୍କ ବାରବୁଲି ଗସ୍ତ**

ଲାଞ୍ଜିଗଡ,୩।୩(ଡି.ଏନ.ଏ.)



ଆଦିବାସୀ ମହିଳା ଷ୍ଟ୍ରବେରି ଚାଷ କରୁଛନ୍ତି।

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଛତ୍ରପୁର ପଞ୍ଚାୟତ ଅନ୍ତର୍ଗତ ବାରବୁଲି ଗ୍ରାମର ଷ୍ଟ୍ରବେରି ଚାଷ ବିଡିଓ ଜିତେନ୍ଦ୍ର କୁମାର ମିଶ୍ର ପରିଦର୍ଶନ କରିଥିଲେ। ଜିଲା ପ୍ରଶାସନ ବିଶେଷ କରି ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ପ୍ରେରଣାରେ ଛତ୍ରପୁର ଗ୍ରାମପଞ୍ଚାୟତ ତଥା ନିୟମଗିରି ପାଦଦେଶରେ ଥିବା ବାରବୁଲି ଗାଁରେ ଷ୍ଟ୍ରବେରି ଚାଷ କରାଯାଇଛି। ବିଡିଓ ମିଶ୍ର ବାରବୁଲି ଗାଁ ଗସ୍ତ କରିବା ସହ ଷ୍ଟ୍ରବେରି ଚାଷ ହୋଇଥିବା କ୍ଷେତ୍ର ପରିଦର୍ଶନ କରି ମହିଳା ଗୋଷ୍ଠୀଙ୍କ ସହିତ ଆଲୋଚନା କରିଛନ୍ତି। ନିୟମଗିରି ସଂଲଗ୍ନ ବାରବୁଲି ଗାଁରେ ଷ୍ଟ୍ରବେରି ଚାଷର ସଫଳତା ବ୍ଲକର ଆଦିମ ଜନଜାତିର ମହିଳାମାନଙ୍କ ସଶକ୍ତିକରଣର କାହାଣୀ ବଖାଣ କରୁଛି ବୋଲି ବିଡିଓ ମିଶ୍ର କହିଛନ୍ତି। ଏହାର ବିକ୍ରିବଟା ହେବା ଦ୍ୱାରା ମହିଳା ଗୋଷ୍ଠୀଙ୍କ ଆୟ ବୃଦ୍ଧି ହେବା ସହ ସେମାନଙ୍କ ଜୀବନଧାରଣ ମାନରେ ଉନ୍ନତି ଘଟିବ। ଏହା କହିବା ସହିତ ନିୟମଗିରି ଷ୍ଟ୍ରବେରି ଏକ ଜାତୀୟସ୍ତରର ବ୍ରାଣ୍ଡ ଭାବେ ଉଭା ହେବ ବୋଲି କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରବନ୍ଧକ ଲମ୍ବୋଦର ପ୍ରଧାନ ସୂଚନା ଦେଇଛନ୍ତି। ବିଡିଓଙ୍କ ଗସ୍ତ ସମୟରେ ପ୍ରଧାନଙ୍କ ସମେତ ମା' ମଙ୍ଗଳା ମହିଳା ଗୋଷ୍ଠୀର ସମସ୍ତ ସଦସ୍ୟା ଉପସ୍ଥିତ ଥିଲେ। ଗତ ମାସ ୨୧ ତାରିଖରେ ଜିଲାପାଳ ରେଡ୍ଡୀ ଷ୍ଟ୍ରବେରି ଚାଷ ପରିଦର୍ଶନ କରିଥିଲେ। ବର୍ତ୍ତମାନ ୨ ହେକ୍ଟର ଜମିରେ ଚାଷ ହେଇଛି ଏବଂ ଆଗାମୀ ଦିନରେ ବ୍ଲକ ଅଞ୍ଚଳରେ ୫୦ ହେକ୍ଟର ଚାଷ କରିବା ପାଇଁ ଜିଲାପାଳ ବିଡିଓ ମିଶ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# କଳାହାଣ୍ଡିର ବିଭିନ୍ନ ଥାନାରେ ଏତଲା

ଭବାନୀପାଟଣା/ଲାଞ୍ଜିଗଡ଼, ୩।୩(ସ୍ୱ.ପ୍ର./ଡି.ଏନ୍.ଏ.)

ମନ୍ତ୍ରୀ ନବ ଦାସ ହତ୍ୟାକାଣ୍ଡ, ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ନେଇ ଭୁବନେଶ୍ୱର ଲୋୟର ପିଏମଜିଠାରେ ରାଜ୍ୟ ଯୁବ ମୋର୍ଚ୍ଚା ବିକ୍ଷୋଭ ବେଳେ ପୋଲିସ ଭାଜପା ଯୁବ ମୋର୍ଚ୍ଚା କର୍ମକର୍ତ୍ତାଙ୍କୁ ଆକ୍ରମଣ କରିଥିଲା। ଏହି ଘଟଣାରେ ଶୁକ୍ରବାର ଭାଜପା ପକ୍ଷରୁ କଳାହାଣ୍ଡିର ଭବାନୀପାଟଣା, ଜୁନାଗଡ଼, ଧର୍ମଗଡ଼ ଓ ଲାଞ୍ଜିଗଡ଼ ଆଦି ବ୍ଲକରେ ଶୋଭାଯାତ୍ରା କରିବା ସହ ପରେ ଥାନା ସମ୍ମୁଖରେ ବିକ୍ଷୋଭ କରିଥିଲେ। ଭବାନୀପାଟଣାରେ ଜିଲା ସଭାପତିଦେବେନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ଜିଲା ଉପସଭାପତି ପ୍ରଶାନ୍ତ ସାହୁ, ଜିଲା ଯୁବମୋର୍ଚ୍ଚା ସଭାପତି ବିଜୟ ଦେବ ସାହୁ, ଜିଲା ସାଧାରଣ ସମ୍ପାଦକ ଜୟ ଶଙ୍କର ନାଏକ ପ୍ରମୁଖଙ୍କ ସହ ବହୁ ଦଳୀୟ କର୍ମୀ ସ୍ଥାନୀୟ ଟାଉନ ଥାନା ସାମ୍ନାରେ ବିକ୍ଷୋଭ କରିଥିଲେ। ଜୁନାଗଡ଼ରେ ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ଜୁନାଗଡ଼ ନଗରପାଳ ମୁକେଶ ଅଗ୍ରୱାଲ, ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ମନୋଜ ମେହେର, ଜିଲା ସଭାପତି ଦେବେନ୍ଦ୍ର ମହାନ୍ତି, ନଗର ସଭାପତି ଶିବିରାମ ରାଉତ, ଜିଲା ଉପସଭାପତି ଅଜୟ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଧର୍ମଗଡ଼ରେ ଭାଜପା ଜିଲା ସଭାପତି ଦେବେନ୍ଦ୍ର ମହାନ୍ତି, ଜିଲା ସାଧାରଣ ସମ୍ପାଦକ ସୁଧୀର ପଟ୍ଟଯୋଷି, ଜୟଶଙ୍କର ନାଏକ, ମେକଇନ ଇଣ୍ଡିଆ ରାଜ୍ୟ ସଂଯୋଜକ ହିମାଂଶୁ ଶେଖର ପଣ୍ଡା, କୃଷକ ମୋର୍ଚ୍ଚା ରାଜ୍ୟ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଅପରେଶ ସ୍ୱାଇଁ, ଜିଲା ଉପସଭାପତି ଲକ୍ଷ୍ମୀକାନ୍ତ ବାଗ, ଯୁବମୋର୍ଚ୍ଚା ଜିଲା ସଭାପତି ବିଜୟଦେବ ସାହୁ ଓ ସମସ୍ତ ମଣ୍ଡଳ ସଭାପତି ତଥା କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଲାଞ୍ଜିଗଡ଼ ଓ ବିଶ୍ୱନାଥପୁର ମଣ୍ଡଳ କର୍ମକର୍ତ୍ତା ବିଶ୍ୱନାଥପୁର ଥାନାରେ ଏତଲା ଦେଇଛନ୍ତି। କଳାହାଣ୍ଡି ଏମ୍‌ପିଙ୍କ ପ୍ରତିନିଧି ଲକ୍ଷ୍ମୀଧର ସନ୍ତୋଷରାୟ, ଏମ୍‌ପିଙ୍କ ରୋଗୀ କଲ୍ୟାଣ ସମିତି ପ୍ରତିନିଧି ମଧୁସୂଦନ ବାଗ, ମଣ୍ଡଳ ସଭାପତି ଶୁକ୍ରୁ ମାଝି, ପୂର୍ବତନ ସରପଞ୍ଚ ଅନନ୍ତରାମ ପ୍ରଧାନୀ, ତୁଳସୀରାମ ମାଝି ପ୍ରମୁଖ ଉପସ୍ଥିତ ଥିଲେ।





ଭବାନୀପାଟଣାରେ ଭାଜପା ପକ୍ଷରୁ ଟାଉନ ଥାନା ସମ୍ମୁଖରେ ବିକ୍ଷୋଭ କରାଯାଉଛି।

# ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ

ନୂଆପଡ଼ା ଅଫିସ,୩।୩

ସ୍ଥାନୀୟ ପୋଲିସ ପଡିଆଠାରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ଚାଲିଥିବା ୪ ଦିନିକିଆ କୃଷି ଯନ୍ତ୍ରପାତି ମେଳା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ମୁଖ୍ୟଅତିଥି, ଖଡିଆଳ ପଞ୍ଚାୟତ ସମିତି ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଜିଲା ପରିଷଦ ଅବନୀ ରଞ୍ଜନ ଯୋଶୀ, ସଚିଦାନନ୍ଦ ପଣ୍ଡା, ଶିଶିର ପରିଜା, ଜଳ ବିଭାଜିକା ମିଶନ ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର ପଣ୍ଡା, ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକ ହରେକୃଷ୍ଣ ହାସଦା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଲଗାଯାଇଥିବା ଷ୍ଟଲଗୁଡ଼ିକରେ କୃଷକମାନଙ୍କୁ ଉପଯୋଗୀ ବିଭିନ୍ନ ଯନ୍ତ୍ରପାତି ବ୍ୟବହାର ବିଷୟରେ ବୁଝାଇବା ସହ ବିଭିନ୍ନ ସରକାରୀ ଯୋଜନା ବିଷୟରେ ମଧ୍ୟ ଅବଗତ କରାଯାଇଥିଲା। କୃଷି ବୈଜ୍ଞାନିକମାନେ କେବଳ ଚାଷ ଉପରେ ନୁହେଁ, ଗୋପାଳନ, କୁକୁଡା ଚାଷ, ବତକ ଚାଷ ଉପରେ ଆଲୋକପାତ କରିଥିଲେ। କୃଷି କ୍ଷେତ୍ରରେ ନିଜର ପାରଦର୍ଶତା ପାଇଁ ବୋଡେନ ବ୍ଲକ ଟେମେରି ଗ୍ରାମର ଗୋକୁଳ ଚନ୍ଦ୍ର ଜଗତ, ଜଳ ବିଭାଜିକା ପାଇଁ ଖଡିଆଳ ବ୍ଲକ ରୋହେନପଦର ଗ୍ରାମର ରବିଚନ୍ଦ୍ର ମାଝି, ଉଦ୍ୟାନ କୃଷି ପାଇଁ ସିନାପାଲି ବ୍ଲକ ମାଲପଡା ଗ୍ରାମର କୃଷ୍ଣ ହଂସ, ମତ୍ସ୍ୟ ଚାଷ ପାଇଁ କୋମନା ବ୍ଲକ ଖଇରଭାଡି ଗ୍ରାମର ମେମିଚନ୍ଦ ଅହିର, ଜଳ ବିଭାଗରେ ନୂଆପଡା ବ୍ଲକ ଜୁନାନୀ ଗ୍ରାମର ବୃନ୍ଦାବତି ଖର୍ସେଲ, ମହିଳା ସ୍ୱୟଂ ସହାୟକ ଦଳ କୋମନା ଚନ୍ଦ୍ରିକା ଉତ୍ପାଦନ ସଂଘ ଓ ନୂଆପଡା ବ୍ଲକ ଦର୍ଲିମୁଣ୍ଡା ଗ୍ରାମର କିର୍ତ୍ତନ ପ୍ରଧାନଙ୍କୁ ଅଭିନବ କୃଷକ ପୁରସ୍କାର ପ୍ରଦାନ କରାଯାଇଥିଲା। ବରିଷ୍ଠ ସହାୟକ ବିଭୁଦତ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଜିଲା ମୁଖ୍ୟ କୃଷି ଅଧିକାରୀ ହିମାଂଶୁ ମହାପାତ୍ର, ସହକାରୀ କୃଷି ଅଧିକାରୀ ସୁଧାଂଶୁ ପାତ୍ର, ଆପିକଲ ଜିଲା ପ୍ରକଳ୍ପ ପରିଚାଳକ ପଦ୍ମଲୋଚନ ମାଝି, ଦୀପାଶ୍ରୀ ମଣ୍ଡଳ, କୃଷି ବିଭାଗର କୃଷି ଅଧିଦର୍ଶକ ଓ ସ୍ୱେଚ୍ଛାସେବୀ ମାନେ ସହଯୋଗ କରିଥିଲେ।



ସ୍ୱୟଂ ସହାୟକ ଦଳକୁ ପୁରସ୍କୃତ କରାଯାଉଛି।

## ସଂକ୍ଷେପରେ

### ଭୈରବୀ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



ବୌଦ୍ଧ,୩।୩(ସ୍ୱ.ପ୍ର.): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ପୁରୁଣାକଟକସ୍ଥିତ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ରମେଶ ଚନ୍ଦାୟ ତାରେଣିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ରମେଶ ଚନ୍ଦ୍ର ବେହେରା , ସମ୍ମାନିତ ଅତିଥି ଭାବେ ଉପଜିଲାପାଳ ରବିନ୍ଦ୍ରନାଥ କହଁର, ସ୍ଥାନୀୟ ସରପଞ୍ଚ ଅଶୋକ ସେଠୀ, ମୋ କଲେଜ ଅଭିଯାନର ସଭାପତି ସରୋଜ ପ୍ରଧାନ, ଇତିହାସ ବିଭାଗର ଅଧାପକ ଲଳିତ ମେହେର ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ସ୍ମରଣିକା ଶକ୍ତିମୟୀ ଉନ୍ମୋଚନ ହୋଇଥିଲା। ମୁଖ୍ୟଅତିଥି ମନ୍ତ୍ରୀ ଅମାତ ଉତ୍ତମ ନାଗରିକ ହେବାକୁ ହେଲେ ପ୍ରଥମେ ଉଚ୍ଚ ଶିକ୍ଷା ଗ୍ରହଣ କରିବାକୁ ହେବ ବୋଲି ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ବାର୍ଷିକ ବିବରଣୀ ପାଠ କରିଥିଲେ । ଇଂରାଜୀ ଅଧାପକ ଡ. ପ୍ରମୋଦ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧାପକ ସୁରେଶ୍ୱର ଯୋଶୀ ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

### ଗୋଷ୍ଠୀ ସଂଘର୍ଷ ଘଟଣା: ୨ ଗୁରୁତର ବୁର୍ଲା ସ୍ଥାନାନ୍ତର

ଖଡ଼ିଆଳ,୩।୩(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଳ ୱାର୍ଡ ନମ୍ବର ୨ ସତନାମୀ ପଡ଼ାରେ ଜାଗା ବିବାଦକୁ ନେଇ ଗୋଷ୍ଠୀ ସଂଘର୍ଷ ଘଟଣାରେ ଗୁରୁତର ୨ଜଣଙ୍କୁ ପ୍ରଥମେ ନୂଆପଡା ମୁଖ୍ୟ ଚିକିତ୍ସାଳୟ ପରେ ବୁର୍ଲାକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ୨୫ ତାରିଖରେ ନାଳ ତିଆରି ହେଉଥିବା ବେଳେ ଦୁଇ ଗୋଷ୍ଠି ମଧରେ ମାର୍‌ପିଟ ହୋଇଥିଲା। ଗୋଟିଏ ଗୋଷ୍ଠି ହେମନ୍ତ ମନହରେ, ନବୀନ ଧୃରି, ଭରତ ଧୃରି, ରଞ୍ଜନ ସତନାମୀ ଓ ଅନ୍ୟମାନେ ଥିବା ବେଳ ଅନ୍ୟ ଗୋଷ୍ଠି ବସନ୍ତ ପଟେଲ, ଦୁର୍ବାରଞ୍ଜନ ପଟେଲ, ସମ୍ପର୍କୀୟ ଭୀଷ୍ମ ନାଏକ ଥିଲେ। ୨ ଜଣ ନିମାଇଁ ପଟେଲ ଓ ସୁମନ୍ତ ପଟେଲ ଗୁରୁତର ଥିବାରୁ ଜିଲା ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ପଟେଲ ଗୋଷ୍ଠୀ କାରରେ ଯାଉଥିଲା ବେଳେ ଅଟକାଇ ମାଡପିଟ କରି କାର ଭାଙ୍ଗି ଦେଇଥିବା ଅଭିଯୋଗ ମଧ ହୋଇଛି। ଅନ୍ୟ ପଟେ ହେମନ୍ତ ମନହରେ ଗୋଷ୍ଠୀର ଲୋକମାନେ ସାମାନ୍ୟ ଆହତ ହୋଇଛନ୍ତି। ଏ ନେଇ ୨ଟି ପୃଥକ ମାମଲା ହୋଇଛି। ଘଟଣାର ତଦନ୍ତ ଚାଲିଛି ବୋଲି ଖଡ଼ିଆଳ ଥାନାଧିକାରୀ ଅନିରୁଦ୍ଧ ମୁଦୁଲି ପ୍ରକାଶ କରିଛନ୍ତି।

### ନିଲମ୍ବିତ ହେଲେ ପ୍ରଧାନଶିକ୍ଷକ

ଭବାନୀପାଟଣା,୩।୩(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଭେଜିପଦର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଜୟନ୍ତ କୁମାର ପତିଙ୍କୁ ଉକ୍ତ ସ୍କୁଲ ଜଣେ ଶିକ୍ଷୟିତ୍ରୀଙ୍କୁ ଦୁର୍ବ୍ୟବହାର କରିବା ମହଙ୍ଗା ପଡିଛି। ଏପରି ଆଚରଣଗତ ସମସ୍ୟାକୁ ନେଇ ତଙ୍କୁ ସ୍ଥାନୀୟ ବିଇଓ ନିଲମ୍ବିତ କରିଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଭେଜିପଦର ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜୟନ୍ତ କୁମାର ପତି ସ୍କୁଲର ଜଣେ ଶିକ୍ଷୟିତ୍ରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଭବାନୀପାଟଣା ସଦର ବିଇଓ ଏକ ୩ଜଣିଆ ଟିମ ଗଠନ କରି ତଦନ୍ତର ଦାୟିତ୍ୱ ଦେଇଥିଲେ।

### ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳିତ

ନୂଆପଡ଼ା ଅଫିସ,୩।୩: ନୂଆପଡା ଜିଲା କୋମନା ବ୍ଲକ ସୁନାବେଡା ଅଭୟାରଣ୍ୟସ୍ଥିତ ଆଶ୍ରମ ବିଦ୍ୟାଳୟରେ ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଧରସିଂ ମାଝିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସୁନାବେଡା ବନ୍ୟପ୍ରାଣୀ ରେଞ୍ଜର ଶିବ ପ୍ରସାଦ ଖମାରୀ ମୁଖ୍ୟଅତିଥି, ସୁନାଦେଈ ମନ୍ଦିର ପୂଜକ ବା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଶ୍ରାମ ଛତ୍ରିଆ, ଶିକ୍ଷକ ବ୍ରଜ ମୋହନ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବନ୍ୟପ୍ରାଣୀର ସୁରକ୍ଷା ଓ ନିରାପତା ଉପରେ ଆଲୋକପାତ କରିଥିଲେ। ମହେନ୍ଦ୍ର ବାଗ ସଭା ପରିଚାଳନା କରିଥି ଲେ।

# ସୋଲାର ଜଳପ୍ରକଳ୍ପ ଅଧାପନ୍ତରିଆ

ଅମରପାଲି,୩।୩(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ହିଲୁଙ୍ଗ ପଞ୍ଚାୟତ ଅନ୍ତର୍ଗତ କର୍ଣ୍ଣପାଲି ଗ୍ରାମରେ ,ବେ ଘୋର ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଗ୍ରୀଷ୍ମ ଆରମ୍ଭରୁ ଜଳକଷ୍ଟରେ ଥିବା ଏକ ୱାର୍ଡ ବିଶିଷ୍ଟ ଏହି ଗାଁର ସମସ୍ୟା ପ୍ରତି କାହାର ଦୃଷ୍ଟି ପଡୁନାହିଁ। ପାରମ୍ପରିକ ଜଳାଶୟର ପାଣି କମିଗଲାଣି। ନିଜସ୍ୱ ବାଡିରେ ଥିବା କୂଅର ପାଣି କେଉଁ ତଳକୁ ଚାଲିଗଲାଣି। ବୀରମହାରାଜପୁରରୁ ୨କି.ମି ଦୂରରେ ଅବସ୍ଥିତି ଏହି ଗାଁର ଜନସଂଖ୍ୟା ଏକ ହଜାରରୁ ଊର୍ଦ୍ଧ୍ୱ । ଏତେ ସଂଖ୍ୟକ ଲୋକଙ୍କ ପାଇଁ ଗ୍ରାମରେ ଦୁଇଟି ନଳକୂପ ରହିଛି। ସ୍ନାନଶୌଚଠାରୁ ପାନୀୟ ଯାଏ



ସୋଲାର ପ୍ରକଳ୍ପ ଷ୍ଟାଣ୍ଡ।

ଗ୍ରାମବାସୀ ଉକ୍ତ ନଳ ଉପରେ ନିର୍ଭର କରନ୍ତି। ହେଲେ ଗ୍ରୀଷ୍ମ ପ୍ରବାହ ଆରମ୍ଭ

■ ପାନୀୟ ଜଳ ପାଇଁ ଲୋକେ ହନ୍ତସନ୍ତ
■ ଖୁବ୍‌ଶୀଘ୍ର ସମସ୍ୟା ସମାଧାନ ହେବ: ଯନ୍ତ୍ରୀ

ହୋଇ ଯାଇଥିବାରୁ ନଳକୂପଗୁଡିକରୁ ଏବେ ଆବଶ୍ୟକତାଠାରୁ କମ୍ ପାଣି ବାହାରୁଛି। ଫଳରେ ଲୋକେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ଯେଉଁ କେତେଜଣଙ୍କ ନିଜସ୍ୱ କୂଅ ରହିଛି ତାହାର ପାଣି ପର୍ଯ୍ୟାପ୍ତ ହେଉନାହିଁ । ଜଳଭାବକୁ ଆଖି ଆଗରେ ରଖି ୨୦୨୦-୨୧ ମସିହାରେ ପାନୀୟ ଉପଯୋଗୀ ପାଣି ବାହାରୁଥିବା ସ୍ଥାନରେ ବୋରିଙ୍ଗରୁ ସୋଲାର ସାହାଯ୍ୟରେ ଗାଁକୁ ପାନୀୟ ଜଳ ଯୋଗାଣ ପାଇଁ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ପ୍ରକଳ୍ପ ନିର୍ମାଣ ପାଇଁ ନିୟୋଜିତ ଠିକାଦାର ଏବଂ ବିଭାଗୀୟ କର୍ମଚାରୀଙ୍କ ଖାମଖିଆଲି ମନୋଭାବ ପାଇଁ ପ୍ରକଳ୍ପ ଅସମ୍ପୂର୍ଣ୍ଣ ରହିଛି। ପାଣି ଟାଙ୍କି, ସୋଲାର ପ୍ଲେଟ ଅପରିତ୍ୟକ୍ତ ଭାବେ ପଡି ରହିଛି। ଏ ନେଇ ବିଭାଗୀୟ ଯନ୍ତ୍ରୀ ମଞ୍ଜୁଲତା ଗୌଡଙ୍କୁ ପଚାରିବାରୁ ପ୍ରକଳ୍ପରେ କିଛି ତ୍ରୁଟି ନେଇ ଗ୍ରାମବାସୀ ଅଭିଯୋଗ କରିବା ପରେ କାମ ବନ୍ଦ ରହିଥିଲା। କିନ୍ତୁ ଏବେ ଖୁବ୍‌ଶୀଘ୍ର ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ ବୋଲି ସେ କହିଥିଲେ।

# ବନ୍ୟପ୍ରାଣୀଙ୍କ ସୁରକ୍ଷା ଚିନ୍ତା




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଅମରପାଲି,୩।୩(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଗୋବିନ୍ଦପୁରରେ ଶୁକ୍ରବାର ବିଶ୍ୱ ବନ୍ୟପ୍ରାଣୀ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ସ୍ଥାନୀୟ ଭଗବତ କ୍ଲବ ଓ ନେହେରୁ ଯୁବ କେନ୍ଦ୍ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ସମ୍ପାଦକ ହୃଷୀକେଶ ନାଏକ ମୁଖ୍ୟ ଅତିଥି, ନେହେରୁ ଯୁବ ସ୍ୱେଚ୍ଛାସେବୀ ମନୋରଞ୍ଜନ ଜଗଦଲା, ସତ୍ୟସେବକ ଯୁବକ ସଂଘ ସଭାପତି ଆଶିଷ ସାହୁ, ଯୁବ ସମାଜସେବୀ ସରିତା ସାହୁଙ୍କୁ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ପରିବର୍ତ୍ତିତ ପରିସ୍ଥିତିରେ ବନ୍ୟପ୍ରାଣୀଙ୍କ କିଭଳି ସୁରକ୍ଷା କରାଯାଇ ପାରିବ ସେ ନେଇ ଅତିଥିମାନେ ମତପୋଷଣ କରିଥିଲେ। ବିଭୂତି ଭୂଷଣ କୁଦାଇ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ସତ୍ୟସେବକ ଯୁବକ ସଂଘ ଓ ଭଗବତ କ୍ଲବ ସଦସ୍ୟମାନେ ସହଯୋଗ କରିଥିଲେ। ସୁଦର୍ଶନ ଭରାସାଗର ଧନ୍ୟବାଦ ଅର୍ପଣ କରିଥିଲେ।

# ପରିବେଶ ସୁରକ୍ଷା, ସମୃଦ୍ଧ ଭବିଷ୍ୟତ ପାଇଁ ଆହ୍ୱାନ

ସୋନପୁର,୩।୩(ନି.ପ୍ର.)

ସୋନପୁର ବ୍ଲକ ଖମ୍ଭେଶ୍ୱରୀପାଲିସ୍ଥିତ କଲ୍ୟାଣ ମଣ୍ଡପରେ ଏକ କୃଷକ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କଲିକତାର ସୁଇଚ ଅନ୍ ଫାଉଣ୍ଡେସନ ପକ୍ଷରୁ ସୁବର୍ଣ୍ଣପୁର ଜିଲାର ଶତାଧିକ ଚାଷୀଙ୍କୁ ଏହି ଅବସରରେ ତାଲିମ ଦିଆଯାଇଥିଲା। ସୋନପୁରର ପ୍ରାକ୍ତନ ବିଧାୟକ ଅଚ୍ୟୁତାନନ୍ଦ ବିଶ୍ୱାଳ ଯୋଗଦେଇ ପରିବେଶ ସୁରକ୍ଷା ଓ ସମୃଦ୍ଧ ଭବିଷ୍ୟତ ପାଇଁ ଆହ୍ୱାନ ଦେଇଥିଲେ। ଜଳବାୟୁ ପରିବର୍ତ୍ତନ ହେଉଥିବା ବେଳେ ଉତ୍ତାପ ବୃଦ୍ଧି ପାଉଛି। ଭୂତଳ ଜଳ ହ୍ରାସ ପାଉଥିବା ବେଳେ ବର୍ଷା ଜଳ ସଂରକ୍ଷଣ କରିବା ସବୁଠୁ ବଡ ଆହ୍ୱାନ ସୃଷ୍ଟି କରିଛି। ତେଣୁ ଚାଷୀମାନେ ପରିବେଶକୁ ସୁହାଇଲା ଭଳି ଜୈବିକ ପଦ୍ଧତିରେ ଚାଷ କରିବାକୁ ବିଶ୍ୱାଳ ପରାମର୍ଶ ଦେଇଥିଲେ। ପ୍ରାକ୍ତନ ସରପଞ୍ଚ ସୁରେଶ କୁଶଳ, ଚାଷୀ ଲବ ବେହେରା, ପରିବେଶବିତ୍ ନନ୍ଦୀ କିଶୋର ଷାଣ୍ଢ, ସୁବର୍ଣ୍ଣପୁର ଡ୍ରିମ୍ ଇଣ୍ଡିଆ ଅନୁଷ୍ଠାନର ଆଶିଷ ରାଜହଂସ ପ୍ରମୁଖ ଯୋଗଦେଇ ମିଲେଟ ଚାଷ, ସୌରଶକ୍ତିର ବ୍ୟବହାର ଓ ସ୍ଥାୟୀ କୃଷିକୁ ପ୍ରାଧାନ୍ୟ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ମୁଭ ଫର ଆର୍ଥ ଅଭିଯାନର ନେତୃତ୍ୱ ନେଉଥିବା ତଥା ପୁରୀରୁ ବଲାଙ୍ଗୀର ସାଇକେଲ ଯାତ୍ରାର ନେତୃତ୍ୱ ନେଇଥିବା ସୁଇଚ୍‌ଅନ ଫାଉଣ୍ଡେସନର ପରିଚାଳନା ନିର୍ଦ୍ଦେଶକ ବିନୟ କାଜୁ କୃଷକ ସମ୍ମିଳନୀରେ ପହଞ୍ଚି ବକ୍ତବ୍ୟ ରଖିଥିଲେ। କାଜୁ କହିଥିଲେ ଯଦି ଆମେ ପରିବର୍ତ୍ତିତ ଜଳବାୟୁରୁ ବଞ୍ଚିବାକୁ ଚାହୁଁ, ତେବେ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା। ନିରନ୍ତର ଜୀବିକାକୁ ପ୍ରୋତ୍ସାହିତ କରିବା ସହିତ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ପରିବେଶର ସୁରକ୍ଷା ପାଇଁ ସେ ଗୁରୁତ୍ୱାରୋପ କରିଥିଲେ। ଜଳବାୟୁ ପରିବର୍ତ୍ତନ ହ୍ରାସ ଦିଗରେ ସଚେତନତା ପାଇଁ ସେ ଏହି ସାଇକେଲ ଯାତ୍ରା କରୁଥିବା କହିଥିଲେ।




କୃଷକ ତାଲିମ ଶିବିରରେ ଅତିଥି ବୃନ୍ଦ।

ଖମ୍ଭେଶ୍ୱରୀପାଲିରେ କୃଷକ ସଚେତନତା କାର୍ଯ୍ୟକ୍ରମ

## ମିଶନ ଶକ୍ତି ପକ୍ଷରୁ ମହିଳାଙ୍କୁ ସାଇକେଲ ବଣ୍ଟନ

ବୌଦ୍ଧ,୩।୩(ସ୍ୱ.ପ୍ର.)

ବୌଦ୍ଧଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଗୁରୁବାର ଦିନ ମିଶନ ଶକ୍ତିର ମହିଳାମାନଙ୍କୁ ସାଇକେଲ ବଣ୍ଟନ କରାଯାଇଛି । ଏହି ଅବସରରେ ସ୍ଥାନୀୟ ଟାଉନ ହଲ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିଷଦର ବିଭିନ୍ନ କାର୍ଯ୍ୟକ୍ରମରେ ସହଭାଗିତା ଭାବରେ କାର୍ଯ୍ୟ କରୁଥିବା ୪୩ ଜଣ ମିଶନ ଶକ୍ତି ଗ୍ରୁପର ମହିଳାମାନଙ୍କୁ ସାଇକେଲ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୭ ଜଣ ଆହାର କର୍ମୀ, ୫ ଜଣ ଜଳସାଥୀ, ୨ ଜଣ ସ୍ୱଚ୍ଛ ସୁପରଭାଇଜର,୨୨ ଜଣ ସ୍ୱଚ୍ଛକର୍ମୀଙ୍କୁ ସାଇକେଲ ବଣ୍ଟନ କରାଯାଇଥିଲା । ଏଥିରେ ବୌଦ୍ଧଗଡ ଏନଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଉପାଧକ୍ଷ ସୁଭାସିନୀ ସେଠୀ, କାର୍ଯ୍ୟନିର୍ବାହୀ ଅଧିକାରୀ ଇଂ. ମନୋରଞ୍ଜନ ପଣ୍ଡା, କାଉନସିଲର ସ୍ୱର୍ଣ୍ଣଲତା ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ଗୋଷ୍ଠୀ ସଂଗଠିକା ସୁପର୍ଣ୍ଣା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବାଉଁଶୁଣୀ ଥାନାରେ ଏତଲା

ବାଉଁଶୁଣୀ,୩।୩ (ଡି.ଏନ.ଏ.)

ବୌଦ୍ଧ ଜିଲାର ବାଉଁଶୁଣୀ ଥାନାରେ ଭାଜପା ତରଫରୁ ଭାଜପା ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କୁ ଆକ୍ରମଣ ପ୍ରତିବାଦରେ ଏତଲା କରାଯାଇଛି । ବରିଷ୍ଠ ଭାଜପା ନେତା କହ୍ନାଇ ଚରଣ ଡାଙ୍ଗ, ଜିଲା ସାଧାରଣ ସମ୍ପାଦକ ସୁଶାନ୍ତ ବାଘ, ୪ ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ରାକେଶ ତ୍ରିପାଠୀ, ପଞ୍ଚାମନ ଜଗଦଲା, ଯୀଶୁ ପଧାନ, ତ୍ରିବିକ୍ରମ ମହାକୁଳ, ଅଜିତ ମହାକୁଳ, ଶମ୍ଭୁ ଗାଇଗୌରିଆ, ତୋଷଣ କୁମାର ଡାଙ୍ଗ, ପଞ୍ଚାନନ ବେହେରାଙ୍କ ସମେତ ବହୁ ଭାଜପା କର୍ମୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ଥାନାରେ ଏତଲା ଦେଲା ଭାଜପା



ଅତାବିରା ଥାନାରେ ଭାଜପା କାର୍ଯ୍ୟକର୍ତ୍ତା ଏତଲା ଦେଉଛନ୍ତି ।

ବରଗଡ଼ ଅଫିସ୍/ସରଣ୍ଡା,୩।୩

ଗତ ଫେବୃୟାରୀ ୨୮ତାରିଖରେ ବିଧାନସଭା ଘେରାଉବେଳେ ଭାଜପା ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କ ଉପରେ ପୋଲିସ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନେଇଥିବା ଭାଜପା ଅଭିଯୋଗ କରିଛି। ଏହି କ୍ରମରେ ଶୁକ୍ରବାର ଦଳ ପକ୍ଷରୁ ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଏତଲା ଦିଆଯାଇଛି। ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟା ଘଟଣାକୁ ଭାଜପା ବାରମ୍ବାର ଉଠାଉ ଥିବାରୁ ପୋଲିସ ଆକ୍ରୋଶମୂଳକ ଭାବେ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇଥିବା ଦଳ ପକ୍ଷରୁ ଅଭିଯୋଗ ହୋଇଛି। ଫଳରେ ଏହାର ବିଧିବଦ୍ଧ ତଦନ୍ତ ସହିତ ପୋଲିସ ମହାନିର୍ଦ୍ଦେଶକ ଏବଂ ଭୁବନେଶ୍ୱର-କଟକ ପୋଲିସ କମିଶନର, ଭୁବନେଶ୍ୱର ଡିସିପିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଭାଜପା ଦାବି କରିଛି। ବରଗଡ଼ ଟାଉନ ଥାନାରେ ଦଳ ପକ୍ଷରୁ ରବିନାରାୟଣ ଦାଶ, ସୁବ୍ରତ ହୋତା, ପ୍ରୀତମ ସିଂ, ଅବନୀକାନ୍ତ ପଣ୍ଡାଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ଅତାବିରା ଥାନାରେ ଏତଲା ଦେବା ସମୟରେ ଦଳର କୁଶ କୁମ୍ଭାର, ଉର୍କୁଲୁ ତାଣ୍ଡି, ମିଳନ ସେଠ ପ୍ରମୁଖ ଉପସ୍ଥିତ ଥିଲେ।

# ଗାଁ ଗାଁରେ ଜନଆନ୍ଦୋଳନ ଆହ୍ୱାନ

ବରଗଡ଼ ଅଫିସ୍,୩।୩

ବରଗଡ଼ରେ ଶୁକ୍ରବାର ଭାଜପା କୃଷକ ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଦଳର ୩୬ ସାଙ୍ଗଠନିକ ଜିଲାର ସଭାପତି, ରାଜ୍ୟ ପଦାଧିକାରୀଙ୍କ ସମେତ ୨ଶହ ଜଣ ଉପସ୍ଥିତ ଥିଲେ। ଉତ୍ତରପ୍ରଦେଶ ଫତେପୁର ଏମ୍‌ପି ତଥା ଭାଜପା କୃଷକ ମୋର୍ଚ୍ଚା ରାଷ୍ଟ୍ରୀୟ ସଭାପତି ରାଜକୁମାର ଚହର ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। କେନ୍ଦ୍ରର ମୋଦି ସରକାର ଏଥର ବଜେଟ୍‌ରେ କୃଷକଙ୍କ ପାଇଁ ବ୍ୟାପକ ଯୋଜନା କରିଛନ୍ତି ଏବଂ ସେ ସମ୍ପର୍କରେ ତୃଣମୂଳସ୍ତର ତଥା ବୁଥ୍ ଏବଂ ମଣ୍ଡଳକୁ ଯାଇ ପ୍ରତି ଘରେ ଅବଗତ କରାଇବାକୁ ଦଳୀୟ କର୍ମୀଙ୍କୁ ସେ କହିଥିଲେ। ଅନ୍ୟପଟେ ରାଜ୍ୟର ବିଜେଡ଼ି ସରକାର ମଣ୍ଡି ବ୍ୟବସ୍ଥାରେ ଉନ୍ନତି ଆଣି ନ ଥିବାରୁ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଏମ୍‌ପି ଚହର କହିଥିଲେ। ମଣ୍ଡି ସୁବ୍ୟବସ୍ଥା ଏବଂ ଶୀତଳ ଭଣ୍ଡାର ନିର୍ମାଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଚାଷୀଙ୍କ ହକ୍ ପାଇଁ ଆଗାମୀ ଦିନରେ ଗାଁ ଗାଁରେ ଜନଆନ୍ଦୋଳନ କରିବାକୁ ଚହର ଆହ୍ୱାନ ଦେଇଥିଲେ।



ଭାଜପା କୃଷକ ମୋର୍ଚ୍ଚା ରାଷ୍ଟ୍ରୀୟ ସଭାପତିଙ୍କୁ ସ୍ୱାଗତ କରାଯାଉଛି।

ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସେହିପରି ଦଳର ରାଜ୍ୟ ସଙ୍ଗଠନ ମହାମନ୍ତ୍ରୀ ମାନସ ମହାନ୍ତି, ରାଷ୍ଟ୍ରୀୟ ସମ୍ପାଦକ ପିଙ୍କି ଶିବରାଜ ଶାହା, ବିଜୟ ଖାଲକୋ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ଶ୍ରୀରଞ୍ଜନ ମଙ୍ଗରାଜ ମଞ୍ଚ ପରିଚାଳନା କରିଥିଲେ। ବୈଠକରେ ରାଜନୈତିକ

ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ଚିଠା ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ରାଜ୍ୟ ସଂଯୋଜକ ପ୍ରଦୀପ ମହନ୍ତ ଜୈବିକ ଚାଷ ଉପରେ ଗୁରୁତ୍ୱାରୋପ କରିଥିଲେ। ଆଗାମୀ ଦିନରେ ୧୦୪ ମଣ୍ଡଳ କମିଟି ଗଠନ ନିଷ୍ପତ୍ତି ସହିତ ଧାନମଣ୍ଡି, ଜଳସେଚନ ବ୍ୟବସ୍ଥା, କଟନୀଛଟନୀ, ଟୋକନ ସମସ୍ୟା, ପ୍ରଧାନମନ୍ତ୍ରୀ କିଷାନ ନିଧି ସମ୍ମାନ ଯୋଜନା ଆଦି ଉପରେ ଆଲୋଚନା ହୋଇଥିଲା। ମହେଶ୍ୱର ସାହୁ, ରଞ୍ଜନ ପଟେଲ, କାମାକ୍ଷା ପ୍ରସାଦ ପ୍ରଧାନ, ଲକ୍ଷ୍ମଣ ବାଗ, ବିଶ୍ୱଜିତ ସ୍ୱାଇଁ, ହୃଷିକେଶ ଜେନା, ଭଗବାନ ପଣ୍ଡା, ପ୍ରଶାନ୍ତ ଗାଣ୍ଡିଆ ପ୍ରମୁଖ ବୈଠକରେ ଅଂଶଗ୍ରହଣ କରିଥିଲେ। ଜିଲା କୃଷକ ମୋର୍ଚ୍ଚା ସଭାପତି ଚିତ୍ତରଞ୍ଜନ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

ବୌଦ୍ଧ,୩।୩(ସ୍ୱ.ପ୍ର.)

ବୌଦ୍ଧ ଜିଲା ପ୍ରଶାସନ ଓ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଶୁକ୍ରବାର ଦିନ ସ୍ଥାନୀୟ କଚେରୀ ପଡିଆଠାରେ ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ ହୋଇଛି । ମୁଖ୍ୟଅତିଥି ଭାବେ ଜଙ୍ଗଲ ଓ ପରିବେଶ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲାପାଳ ସତ୍ୟ ରଞ୍ଜନ ସାହୁ, ଏନଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର , ନିବାହୀ ଯନ୍ତ୍ରୀ କନ୍ଧମାଳ ଇଂ ରବିନ୍ଦ୍ର ସାହୁ ଯୋଗଦେଇ ଥିଲେ । ମୁଖ୍ୟ ଜିଲା କୃଷି ଅଧିକାରୀ ନାରାୟଣ ଚନ୍ଦ୍ର ସେଠୀ ଅଧକ୍ଷତା କରିଥିଲେ । ସରସ୍ୱତୀ ଶିଶୁମନ୍ଦିରର ଛାତ୍ରୀଛାତ୍ର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା କୃଷି ଯନ୍ତ୍ରପାତି ବିତରଣ କରାଯାଇଥିଲା। ହରଭଙ୍ଗା ଗୋଷ୍ଠୀ କୃଷି ଅଧିକାରୀ ସବ୍ୟସାଚୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।



କୃଷି ଯନ୍ତ୍ରପାତି ମେଳାରେ ଯୋଗ ଦେଇଥିବା ଅତିଥି।

# ସୁସ୍ଥ ଜୀବନ ପ୍ରକୃତ ଜୀବନ

ଜୁନିୟର ରେଡ୍‌କ୍ରସ ତାଲିମ ଶିବିର ଉଦ୍‌ଯାପିତ

ସୋନପୁର,୩।୩(ନି.ପ୍ର.)

ସୁବର୍ଣ୍ଣପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଚାଲିଥିବା ୧୬ତମ ଜିଲାସ୍ତରୀୟ ଜୁନିୟର ରେଡକ୍ରସ ପଠନ ଓ ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ଦୁଇଦିନିଆ ତାଲିମ ଶିବିରରେ ମିଳିଥିବା ପ୍ରଶିକ୍ଷଣକୁ ଛାତ୍ରୀଛାତ୍ର ଜୀବନରେ ଉପଯୋଗ କରିବା ପାଇଁ ଭୋଇ ପରାମର୍ଶ ଦେଇଥିଲେ। ସହ ଜିଲା ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗଡତିଆ, ମଞ୍ଜୁଲତା ଭୋଇ ଓ ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ସମ୍ମାନିତ ଅତିଥିଭାବେ ଯୋଗଦେଇ ରେଡକ୍ରସର ନୀତି, ଆଦର୍ଶ ଓ ମୂଳ ଲକ୍ଷ୍ୟ ବିଷୟରେ ବୁଝାଇଥିଲେ। ଜୁନିୟର ରେଡକ୍ରସର ଉପସଭାପତି ଗତିକୃଷ୍ଣ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜୁନିୟର ରେଡକ୍ରସ ଅଫିସର ରବିଚନ୍ଦ୍ର ପଶାୟତ ଧନ୍ୟବାଦ ଅର୍ପଣ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ବରିଷ୍ଠ ସାଧନ କର୍ମୀ ଚନ୍ଦ୍ରମଣି ବାଘ। ଏହି ଅବସରରେ ଓଡିଆ ରଚନା, ବକ୍ତୃତା, ଚିତ୍ରାଙ୍କନ, ସାଧାରଣ ଜ୍ଞାନ ଆଦି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଜୁନିୟର ମାନଙ୍କୁ ପୁରସ୍କୃତ କରାଯାଇଥିଲା। ସକାଳ ଅଧିବେଶନରେ ବରିଷ୍ଠ ମାର୍ଗଦର୍ଶକ ପ୍ରସନ୍ନ ଶତପଥୀ, ବରିଷ୍ଠ ସାଧନକର୍ମୀ ଝସକେତନ ମେହେର, ହୃଷୀକେଶ ଡାଙ୍ଗ ଓ ଯୋଗ ଗୁରୁ ହୃଷିକେଶ ଦେହୁରୀ ଯୋଗଦାନ କରି ସୁସ୍ଥ ଜୀବନ ହିଁ ପ୍ରକୃତ ଜୀବନର ବାର୍ତ୍ତା ଦେଇଥିଲେ। ଏହି ଅବସରରେ ଲୋକଙ୍କ ନିକଟରେ ରେଡକ୍ରସର ବାର୍ତ୍ତା ପହଞ୍ଚାଇବା ପାଇଁ ଏକ ଶାନ୍ତି ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଶିବିରରେ ସୁବର୍ଣ୍ଣପୁର ଜିଲାର ୧୧୪ଟି ବିଦ୍ୟାଳୟରୁ ୧୧୪ଜଣ କାଉନସେଲର, ୧୭୯ଜଣ ବାଳିକା ଜୁନିୟର, ୧୩୦ଜଣ ବାଳକ ଜୁନିୟର ଓ ୧୫ଜଣ ସାଧନ କର୍ମୀ ଯୋଗଦାନ କରି ଶୋଭାଯାତ୍ରାକୁ ସଫଳ କରିଥିଲେ। ପ୍ରଶିକ୍ଷଣ ମାଧ୍ୟମରେ ବିଭିନ୍ନ ଜୀବନ କୌଶଳ ଯଥା ଫାଷ୍ଟଏଡ୍, ରକ୍ଷକ, ଫାୟାର ସେଫ୍‌ଟି ଇତ୍ୟାଦି ଜୁନିୟର ଓ ମାର୍ଗଦର୍ଶକ ମାନଙ୍କୁ ଶିକ୍ଷା ଦିଆଯାଇଥିଲା। ଗୋପେଶ ପଣ୍ଡା, ହୃଷିକେଶ ଚାନ୍ଦ, ଜଗଦୀଶ ଦାଶ ଓ ଚନ୍ଦ୍ରଶେଖର ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।



ଜୁନିୟର ରେଡ୍‌କ୍ରସ ପକ୍ଷରୁ ଶାନ୍ତି ଶୋଭାଯାତ୍ରା ସୋନପୁର ସହର ପରିକ୍ରମା କରୁଛି ।

## ସଂକ୍ଷେପରେ

### ଚୋରି କରି ଫେରାର ବେଳେ ଧରାପଡ଼ିଲେ ଯୁବକ

**ରାଉରକେଲା ଅଫିସ,୩।୩:** ସେକ୍ଟର-୩ ଥାନା ଶକ୍ତିନଗର ମାର୍କେଟ ଅଞ୍ଚଳର ଜଣଙ୍କ ଦୋକାନରୁ ଚୋରି ଅଭିଯୋଗ ହୋଇଛି। ଏ ନେଇ ଦୋକାନ ମାଲିକ ଚୋରି କରିଥିବା ଯୁବକଙ୍କୁ ମାଡ଼ ମାରି ପୋଲିସ ଜିମା ଦେଇଛନ୍ତି। ପୋଲିସ ଏକ ମାମଲା (ନଂ.୧୨।୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଶକ୍ତିନଗର ଅଞ୍ଚଳର ଅଭିରାମ ସାହୁ ତାଙ୍କ ଘର ନିକଟରେ ଏକ ଇଲେକ୍ଟ୍ରିକାଲ ଦୋକାନ କରିଛନ୍ତି। ଶୁକ୍ରବାର ଅପରାହ୍ନ ସାଢେ ୫ଟାରେ ଅଭିରାମ ଦୋକାନ ଖୋଲି ସନ୍ଧ୍ୟା ଦେବା ପାଇଁ ଧୂପକାଠି କିଣିବାକୁ ପାଖ ଦୋକାନକୁ ଯାଇଥିଲେ। ଏହି ସମୟରେ ୨ଜଣ ଯୁବକ ଏକ ପଲସର ବାଇକ୍‌ରେ ଆସି ଦୋକାନ ଭିତରେ ପଶି ଡ୍ରୟାରରୁ ୨୨ଶହ ଟଙ୍କା ଓ ଗ୍ୟାସକାର୍ଡ, କିଛି ଖୁଚୁରା ଟଙ୍କା ନେଇ ଫେରାର ହୋଇଯାଉଥିଲେ। ଏହା ଦେଖି ସ୍ଥାନୀୟ ବ୍ୟବସାୟୀ ସେମାନଙ୍କୁ ପିଛା କରିବାରୁ ଯୁବକଦ୍ୱୟ ଏକ ସାଇକେଲ ଚାଳକଙ୍କ ସହ ଧକ୍କା ହୋଇ ପଡିଯାଇଥିଲେ। ଫଳରେ ବ୍ୟବସାୟୀମାନେ ଉକ୍ତ ଦୁଇଜଣ ଯୁବକଙ୍କୁ ମାଡ ମାରିବାବେଳେ ଜଣେ ଖସି ପଳାଇଥିଲେ। ଧରାପଡିଥିବା ଯୁବକଙ୍କୁ ପୋଲିସ ଜିମା ଦିଆଯାଇଥିଲା।

### ଥାନାରେ ଏତଲା ଦେଲା ଭାଜପା ଯୁବମୋର୍ଚ୍ଚା

**ରାଉରକେଲା ଅଫିସ,୩।୩:** ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକରେ ଭାଜପା କାର୍ଯ୍ୟକର୍ତ୍ତାମାନଙ୍କ ଉପରେ ହୋଇଥିବା ପୋଲିସର ଆକ୍ରମଣ ଘଟଣାର ପ୍ରତିବାଦ କରି ଦଳ ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ଏହି କ୍ରମରେ ଶୁକ୍ରବାର ରାଉରକେଲା ଭାଜପା ପକ୍ଷରୁ ଉଦିତନଗର ଥାନାରେ ଏତଲା ଦିଆଯାଇଛି। ଏଥିରେ ପୋଲିସ ପ୍ରଶାସନିକ ଅଧିକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ରାଉରକେଲା ଭାଜପାର ନିହାର ରାୟ, ବନ୍ଦର ସିଂହ, ସଂଗ୍ରାମ କିଶୋର ମହାନ୍ତି, ଭଗବାନ ମହାପାତ୍ର, କିଶୋର କୁମାର ସାହୁଙ୍କ ସମେତ ଶତାଧିକ ଭାଜପା କର୍ମୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

### ଆଜି ରାଇଜିଂ କ୍ଲବର ଭଲିବଲ ଟୁର୍ଣ୍ଣାମେଣ୍ଟ

**ରାଉରକେଲା ଅଫିସ,୩।୩ :** ରାଉରକେଲା ସେକ୍ଟର-୨୦ ସ୍ଥିତ ରାଇଜିଂ କ୍ଲବର ୧୪ତମ ରାଇଜିଂ ଟ୍ରଫି ତଥା ଷଷ୍ଠ ଜାତୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଶନିବାର ଆରମ୍ଭ ହେବ। ଏହି ଦୁଇ ଦିନିଆ ପ୍ରତିଯୋଗିତାରେ ଓଡିଶା ସମେତ ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ଦିଲ୍ଲୀ ଓ ହରିୟାଣା ରାଜ୍ୟରୁ ବିଭିନ୍ନ ଟିମ୍ ଅଂଶଗ୍ରହଣ କରିବେ। ଏହି ପ୍ରତିଯୋଗିତା ଦିବାରାତ୍ର ଅନୁଷ୍ଠିତ ହେବ ବୋଲି ଆୟୋଜକ କ୍ଲବର ସଙ୍ଗଠନ ସମ୍ପାଦକ ଶିଶିର ସାହୁ କହିଛନ୍ତି।

### ଭୋଇପାଲି, ଟିକିଲିପଡ଼ା ପଞ୍ଚାୟତକୁ ନେଇ ଗଠିତ ହେଲା ବହୁମୁଖୀ ସମବାୟ ସମିତି

**ବଡ଼ଗାଁ, ୩।୩(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଭୋଇପାଲି ଓ ଟିକିଲିପଡା ପଞ୍ଚାୟତକୁ ନେଇ ବହୁମୁଖୀ ସମବାୟ ସମିତି ଗଠିତ ହୋଇଛି। ରେଜିଷ୍ଟ୍ରାର ଓଡ଼ିଶାଙ୍କ ଚିଠି ନମ୍ବର ୨୮୪୯/ତା୧୦।୨।୨୩ ରିଖ ଅନୁସାରେ ସରକାର ଏହାକୁ ମଞ୍ଜୁର କରିଛନ୍ତି। ଏହା ଜଣାପଡିବା ପରେ ଚାଷୀ ମହଲରେ ଖୁସି ପ୍ରକଟ କରାଯାଇଛି। ଶୁକ୍ରବାର ଭୋଇପାଲି ପଞ୍ଚାୟତ କାର୍ଯ୍ୟାଳୟରେ ଚାଷୀମାନଙ୍କୁ ନେଇ ଏକ ଧନ୍ୟବାଦ ସଭା ଆୟୋଜିତ ହୋଇଥିଲା। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲାଲ ମୋହନ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରବୀନ୍ଦ୍ର ପଟେଲ ରେଜିଷ୍ଟ୍ରାରଙ୍କ ଚିଠିକୁ ପଢ଼ି ଚାଷୀମାନଙ୍କୁ ନିୟମାବଳୀ ଉପରେ ବୁଝାଇଥିଲେ। ଅଧକ୍ଷତା କରୁଥିବା ନାଏକ ଚାଷୀଙ୍କ ପାଇଁ ହୋଇଥିବା ଏହି ସୁବିଧା ଅତ୍ୟନ୍ତ ଆବଶ୍ୟକ ଥିଲା ବୋଲି କହିଥିଲେ। ସଭାରେ ଉପସ୍ଥିତ ସରପଞ୍ଚ ମହେଶ୍ୱର ବରିହା ଚାଷୀମାନେ ଏହି ନୂତନ ସମବାୟ ସମିତି ହେବା ଦ୍ୱାରା ଉପକୃତ ହେବେ ବୋଲି କହିଥିଲେ। ଗୋବିନ୍ଦ ମହାନନ୍ଦ ବଡ଼ଗାଁ ସମବାୟ ସମିତିରେ ଭିଡ଼ ହେଉଥିବାରୁ ଠିକ ସମୟ ରେ ସୁବିଧା ମିଳୁ ନ ଥିଲା। ତେଣୁ ଆମେ ସମସ୍ୟାରୁ ମୁକ୍ତି ପାଇଲୁ କହିଥିଲେ। ଶିଶିର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ବାନେଶ୍ୱର୍ ହାଁସଦା, ଖ୍ରୀଷ୍ଟୋଫର ଆଇନ୍ଦ, ଭଗବାନ ଗୌଡ, ସୁନିଲ ମାଝି, ପଟେଲ ମାଝି, ମାଧବ ଚନ୍ଦ୍ର କାଲୋ, ଯଦୁନାଥ ଜୟପୁରିଆ ପବିତ୍ର ଗୌଡ ପ୍ରମୁଖ ଯୋଗ ଦେଇଥିଲେ।

# ମିଠା ନାଁରେ ଜହର ବିକ୍ରି

**■୩୫ ହଜାର ଟଙ୍କା ଜରିମାନା ଆଦାୟ**

**■୪୮ ମିଠା ଦୋକାନ ପଞ୍ଜୀକୃତ ହୋଇଛି**

**ରାଉରକେଲା ଅଫିସ,୩।୩**

ରାଉରକେଲାରେ ଶତାଧିକ ଫାଷ୍ଟଫୁଡ୍, ଜଳଖିଆ, ବେକେରୀ ଓ ମିଠା ଦୋକାନ ରହିଛି। ତେବେ ଅଧିକାଂଶ ଦୋକାନରେ ସରକାରୀ ନିୟମକୁ ଖୋଲାଖୋଲି ଉଲ୍ଲଘଂନ କରାଯାଉଥିବା ଅଭିଯୋଗ ହୋଇଛି। ବିଶେଷ କରି ସହରରେ ଥିବା କେତେକ ମିଠା ଦୋକାନରେ ଏଭଳି ଚାଲିଛି। ବହୁ ମିଠା ଦୋକାନୀ ସରକାରୀ ନିୟମକୁ ନ ମାନି ମନଇଛା ମିଠାକୁ ମାସ ମାସ ଧରି ରଖି ବିକ୍ରି କରୁଥିବା ପରିଲକ୍ଷିତ ହେଉଛି। ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ କେବେ କେମିତି ଚଢାଉ କରାଯାଉଛି। ଅମାନିଆ ଦୋକାନୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଫଳରେ ସେମାନେ ମନଇଛା ବହୁଦିନର ମିଠାଗୁଡିକୁ ବିଭିନ୍ନ ସମୟରେ ଗରାଖଙ୍କୁ ବିକ୍ରି କରୁଛନ୍ତି।

୨୦୨୦ ଫେବୃଆରୀ ୨୪ରେ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ ପକ୍ଷରୁ ମିଠା ମିଠା ପ୍ୟାକେଟ୍‌ରେ ପ୍ରସ୍ତୁତି ଏବଂ ବ୍ୟବହାରର ଅବଧି (ଏକ୍ସପାଏରି ତାରିଖ) ଉଲ୍ଲେଖ କରିବା ବାଧ୍ୟତାମୂଳକ କରାଯାଇଥିଲା। ଜୁନ ୧ ତାରିଖରୁ ଏହି ନିୟମ କଡାକଡା ଭାବେ ପାଳନ ପାଇଁ ନିର୍ଦ୍ଦେଶ ଥିଲା। ନିୟମ ଲାଗୁ ହେବାରୁ କିଛିଦିନ ପରେ ସହରରେ କେତେକ ହାତଗଣତି ମିଠା ଦୋକାନ ଉପରେ ଚଢ଼ାଉ କରି ପରବର୍ତ୍ତୀ ସମୟରେ ଏହା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ଚଳିତବର୍ଷ ରାଉରକେଲାରେ ହକି ବିଶ୍ୱକପ ଖେଳାଯିବା ପୂର୍ବରୁ ଆର୍‌ଏମ୍‌ସି ଖାଦ୍ୟ ବିଭାଗ ପକ୍ଷରୁ କିଛି ଫାଷ୍ଟଫୁଡ, ଗୁଟ୍‌ଖା, ନକଲି ସସ୍ ଓ ଘରୋଇ ହୋଟେଲରେ ଚଢାଉ ହୋଇଥିଲା। କିନ୍ତୁ କୌଣସି ମିଠା ଦୋକାନ ଉପରେ ଚଢାଉ ହୋଇ ନ ଥିଲା। ଫଳରେ ବିଭିନ୍ନ ଦୋକାନରେ ଏକ୍ସପାଏରି ମିଠା ବିକ୍ରି ହେଉଥିବା ଦେଖିବାକୁ ମିଳିଥିଲା। ଆମ୍ବଗାନ, ଡେଲିମାର୍କେଟ, ଏସ୍‌ଟିଆଇ, ପାନପୋଷ, ଛେଣ୍ଡ ଅଞ୍ଚଳରେ ବହୁ ବହୁ ବ୍ୟବସାୟୀ ପ୍ରସ୍ତୁତି ଓ ବ୍ୟବହାର ଅବଧି ନ ଲେଖି ସିଧାସଳଖ କିଲୋ ହିସାବରେ ମିଠା ବିକ୍ରି କରୁଛନ୍ତି। ଏସ୍‌ଟିଆଇ ଓ ପାନପୋଷ ଅଞ୍ଚଳରେ ଥିବା କିଛି ମିଠା ଦୋକାନୀ ସାଲେପୁର ଓ ପାହାଳ ଅଞ୍ଚଳରୁ ମିଠା ଟିଣ ବସ୍ ଯୋଗେ ଆଣି ବିକ୍ରି କରୁଛନ୍ତି। ଏହି ମିଠା ବଳିପଡିଲେ ତାକୁ ଗରମ କଡେଇରେ ଚିନି ରସ ଓ ମଇଦା ସହ ମିଶାଇ ବର୍ଫି ମିଠା କରି ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି।

ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ ନିୟମ ଅନୁଯାୟୀ, ବଟର, ସ୍କଚ୍, ଚକ୍‌ଲେଟ ଭଳି ମିଠା ପ୍ରସ୍ତୁତିର ଦୁଇଦିନ ଯାଏ ବ୍ୟବହାର କରାଯାଇପାରିବ। ସେହିପରି କ୍ଷୀରରୁ ତିଆରି ମିଠା, ବାଦାମ ମିଲ୍‌କ, ରସଗୋଲା, ରସମଲେଇ, ରାବିଡ଼ି, ରାଜଭୋଗ, ସନ୍ଦେଶ, ମଲାଇରେଲ, ସାହି ଟେଷ୍ଟ ଭଳି ମିଠା ଦୁଇରୁ ପାଞ୍ଚଦିନ ଭିତରେ ଖାଇହେବ। ଖୁଆରୁ ପ୍ରସ୍ତୁତି ମିଠା ୪ରୁ ୭ ଦିନ ବ୍ୟବହାର ହୋଇପାରିବ। ଘିଅ ଓ ଡ୍ରାଏଫୁଡ୍ ମିଠା ୭ରୁ ୧୨ ଦିନ ପର୍ଯ୍ୟନ୍ତ ବ୍ୟବହାର କରାଯାଇପାରିବ। କିନ୍ତୁ ରାଉରକେଲା ସହରରେ ଥିବା କେତେକ ଦୋକାନୀ ମନଇଛା ଏସବୁ ମିଠାକୁ ମାସ ମାସ ଧରି ଗଚ୍ଛିତ ରଖି ବିକ୍ରି କରୁଛନ୍ତି। ଏ ନେଇ ଆର୍‌ଏମ୍‌ସିର ଖାଦ୍ୟ ନିରାପତ୍ତା ଅଧିକାରୀ ସ୍ୱାଗତିକା ବେହେରାଙ୍କୁ ପଚାରିବାରୁ ସେ କହିଥିଲେ, ରାଉରକେଲା ସହରରେ ଏକାଧିକ ମିଠା ଦୋକାନ ରହିଛି। ବର୍ତ୍ତମାନ ସୁଦ୍ଧା ୪୮ଟି ଦୋକାନ ଆର୍‌ଏମ୍‌ସି ଖାଦ୍ୟ ନିରାପତ୍ତା ବିଭାଗ ଅଧୀନରେ ପଞ୍ଜୀକୃତ ହୋଇଛି। ବିଭିନ୍ନ ସମୟରେ ମିଠା ଦୋକାନରେ ଚଢାଉ କରି ବର୍ତ୍ତମାନ ସୁଦ୍ଧା ୩୫ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ଆର୍‌ଏମ୍‌ସି ଖାଦ୍ୟ ନିରପତ୍ତା ବିଭାଗ ପକ୍ଷରୁ ସହରର ବିଭିନ୍ନ ମିଠା ଦୋକାନୀଙ୍କୁ ନୋଟିସ ଜାରି ହୋଇଛି। ଯଦି କୌଣସି ମିଠା ଦୋକାନୀ ଏହି ଆଇନକୁ ଅବମାନନା କରନ୍ତି ତେବେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବେହେରା କହିଥିଲେ।

## ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳିତ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

**ରାଉରକେଲା ଅଫିସ,୩।୩**

ରାଉରକେଲା ସେକ୍ଟର-୬ ସ୍ଥିତ ସରକାରୀ ନୋଡାଲ ଉଚ୍ଚବିଦ୍ୟାଳୟ ପରିସରରେ ରାଉରକେଲା ବନ ମଣ୍ଡଳ ଓ ୱାଇଏମ୍‌ଏଫ୍‌ଆଇ ପକ୍ଷରୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ଶୁକ୍ରବାର ପାଳିତ ହୋଇଛି। ଏଥିରେ ରାଉରକେଲା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ. ଅରୁଣ କୁମାର ମିଶ୍ର ମୁଖ୍ୟ ଅତିଥି, ପାନପୋଷ ଫରେଷ୍ଟ ରେଞ୍ଜର ଜ୍ଞାନେନ୍ଦ୍ର ଲିମା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ପାୱାରପଏଣ୍ଟ ପ୍ରେଜେଣ୍ଟେଶନ ମାଧ୍ୟମରେ ବନ୍ୟପ୍ରାଣୀ, ପଶୁପକ୍ଷୀଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ଦିନକୁ ଦିନ ଅନେକ ପଶୁପକ୍ଷୀଙ୍କ ବଂଶ ଲୋପ ପାଉଥିବାରୁ ସେମାନଙ୍କ ସଂରକ୍ଷଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଜନସଚେତନା ଦ୍ୱାରା ହିଁ ପଶୁପକ୍ଷୀ ଶିକାର ଓ କାରବାରକୁ ନିୟନ୍ତ୍ରଣ କରାଯାଇପାରିବ ବୋଲି ଡ. ମିଶ୍ର କହିଥିଲେ। ୱାଇଏମ୍‌ଏଫ୍‌ଆଇର ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ସ୍କୁଲର ଅଧ୍ୟକ୍ଷା ଡ. ସୁସ୍ମିତା ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଫରେଷ୍ଟର ରତନ କୁମାର ମହାନ୍ତିଙ୍କ ସମେତ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ମହିଳା ଦିବସ ପାଇଁ ସୃଜନଶୀଳ କୌଶଳ ପ୍ରତିଯୋଗିତା

**ରାଉରକେଲା ଅଫିସ,୩।୩**





ମହିଳା ପୁରୁଷ କୌଶଳ ପ୍ରତିଯୋଗିତାରେ ଭାଗ ନେଇଛନ୍ତି।

ଆସନ୍ତା ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ସୃଜନଶୀଳ କୌଶଳ ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତା ଗୁଡିକ ଏଚ୍‌ଆର୍‌ଡି କେନ୍ଦ୍ରଗୁଡିକରେ ଫେବୃୟାରୀ ୨୮ରେ ଏକ ମଜାଦାର ଖେଳ କ୍ୟାଚ୍ ଆଜ ମଚ୍ ଆଜ ୟୁ କ୍ୟାନ୍ ସହ ଆରମ୍ଭ ହୋଇଥିଲା। ପ୍ରତିଯୋଗିତାରେ ଉଭୟ ମହିଳା ପୁରୁଷମାନଙ୍କୁ ନେଇ ୩୩ଟି ଦଳ ହୋଇଥିଲା। ଗତ ୧ତାରିଖରେ ଓଡିଆ, ହିନ୍ଦୀ ଓ ଇଂରାଜୀ ଭାଷାରେ ବାକ୍ ପ୍ରତିଯୋଗିତା କରାଯାଇଥିଲା। ଚଳିତବର୍ଷ ଅନ୍ତର୍ଜାତୀୟ ମହିଳା ଦିବସ-୨୦୨୩ ପାଇଁ ଥିମ୍ 'ଡିଜିଟାଲ ଲିଙ୍ଗଗତ ସମାନତା ପାଇଁ ଅଭିନବ ଏବଂ ପ୍ରଯୁକ୍ତି ବିଦ୍ୟାର ବିଷୟବସ୍ତୁ' ଭାବେ ସ୍ଥିର ହୋଇଥିଲା। ୨୪ଜଣ କର୍ମଚାରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ବାକ୍ ଦକ୍ଷତା ପ୍ରଦର୍ଶନ କରିଥିଲେ। ୨ତାରିଖରେ ୨ଜଣ ସଦସ୍ୟଙ୍କୁ ନେଇ ଗଠିତ ୩୨ଟି ଦଳ ଫନାଥନ୍-ଦ୍ରୁତତମ ଅପେକ୍ଷା ଦୃତ ନାମକ ଅନ୍ୟ ଏକ ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। ଏଥିରେ ଦଳର ସଦସ୍ୟମାନଙ୍କୁ ଜୋତା ଲେସ ବାନ୍ଧିବା, କୁଶନ କଭର ଭର୍ତ୍ତି କରିବା, ଛଅ ଗଜ ଶାଢି ଫୋଲ୍ଡିଂ ଓ ଟାଙ୍ଗିବା, ମସଲା ପୃଥକ କରିବା ସହ ଭଣ୍ଡାର ଅନୁସନ୍ଧାନ କରିବାକୁ କୁହାଯାଇଥିଲା। ଦଳଗୁଡିକ ଯଥାସମ୍ଭବ କମ୍ ସମୟରେ କାର୍ଯ୍ୟ ସମ୍ପାଦନ କରିବାକୁ ଉଦ୍ୟମ କରିଥିଲେ।

## ବିଷ ପିଇ ଯୁବକଙ୍କ ଆତ୍ମହତ୍ୟା

**ଲହୁଣୀପଡ଼ା, ୩।୩(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କରତୋଳା ଗ୍ରାମର ଜଣେ ଯୁବକ ବିଷ ପିଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ଗତ ବୁଧବାର କୌଣସି କାରଣରୁ ବାଙ୍କରତୋଳା ଗ୍ରାମର ତୁରାମ ମୁଣ୍ଡା (୨୧) ଘରେ କେହି ନ ଥିବାର ସୁଯୋଗ ନେଇ ବିଷ ପିଇ ଦେଇଥିଲେ। ଏ ସମ୍ପର୍କରେ ପରିବାର ଲୋକ ଜାଣିବା ପରେ ଗୁରୁବାର ବଣାଇଁ ଉପଖଣ୍ଡ ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ ମଧ୍ୟ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ କେ.ବଲାଙ୍ଗ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଥିବାବେଳେ ବ୍ୟବଚ୍ଛେଦ ପରେ ଶୁକ୍ରବାର ପରିବାରକୁ ହସ୍ତାନ୍ତର କରିଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ୮୦ ସହଭାଗୀଙ୍କୁ ସାଇକେଲ ବଣ୍ଟନ

**ବ୍ରଜରାଜନଗର, ୩।୩(ଡି.ଏନ.ଏ.)**

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ପୌରଅଞ୍ଚଳର ବିଭିନ୍ନ ଅଞ୍ଚଳରେ ଲୋକଙ୍କ ସେବା କରୁଥିବା ସ୍ୱେଚ୍ଛାସେବୀମାନଙ୍କୁ ସାଇକେଲ ବଣ୍ଟନ କରାଯାଇଛି। ବିଧାୟିକା ଅଳକା ମହାନ୍ତି ପତାକା ଦେଖାଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ତାଙ୍କ ସହିତ ପୌରାଧକ୍ଷ ଯଜ୍ଞାଶ୍ୱନୀ ଓରାମ, ଉପାଧ୍ୟକ୍ଷ ଗୋପାଳ ସୀତାନୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୮୦ସହଭାଗୀଙ୍କୁ ସାଇକେଲ ବଣ୍ଟନ କରାଯାଇଥିଲା ।



ସାଇକେଲ ବଣ୍ଟନ କରାଯାଉଛି।

## ମଣିଷ ଜୀବନଶୈଳୀରେ ନାଟକର ଭୂମିକା ରହିଛି



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ରାଉରକେଲା ଅଫିସ,୩।୩**

ରାଉରକେଲା ଆଦର୍ଶ ପାଠାଗାରରେ ଶୁକ୍ରବାର ଏକତ୍ର ରାଉରକେଲା ଏବଂ ଓଡିଶା ସଙ୍ଗୀତ ଏକାଡେମୀର ମିଳିତ ସହଯୋଗରେ ୨୪ଟି ନାଟ୍ୟାନୁଷ୍ଠାନକୁ ନେଇ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ନାଟ୍ୟାନୁଷ୍ଠାନ ସମାଜର ଦର୍ପଣ ତୁଲ୍ୟ। ସମାଜରେ ଶିକ୍ଷା, ସଂସ୍କୃତି ଓ ପରମ୍ପରା ସହିତ ମଣିଷର ଜୀବନଶୈଳୀ ବିକାଶରେ ନାଟ୍ୟ କଳାକାରଙ୍କ ସର୍ବଦା ବିଶେଷ ଭୂମିକା ରହିଛି ବୋଲି ସେ କହିଥିଲେ। ଓଡିଶା ସଙ୍ଗୀତ ନାଟ୍ୟ ଏକାଡେମୀ ସଭାପତି ପଦ୍ମଶ୍ରୀ ଅରୁଣ ମହାନ୍ତି, ସଙ୍ଗୀତ ନାଟ୍ୟ ଏକାଡେମୀ ସଚିବ ଓ ନାଟ୍ୟ ସଂଘ ସମ୍ପାଦକ ଶୁଭଙ୍କର ପାଡୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କ୍ଷଣପ୍ରଭା ବିଶୋଇ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ସ୍ୱସ୍ତି ସାହିତ୍ୟର ସମ୍ପାଦକ ରାଜୀବ ପାଣି ଉତ୍ସବ ପରିଚାଳନା କରିଥିଲେ। ୨୪ଟି ନାଟ୍ୟାନୁଷ୍ଠାନ ସମେତ ରାଉରକେଲା ଆଦର୍ଶ ପାଠାଗାର, ପ୍ରଗତି ଉତ୍କଳ ସଂଘ, କଲଚରାଲ ଏକାଡେମୀ, ବାସନ୍ତୀ ପାଠାଗାର, ଗୋପବନ୍ଧୁ ପାଠାଗାର ଓ ନାଟ୍ୟ ପ୍ରତିଷ୍ଠାନର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଆଲୋକ ବୋଷ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ରିଜ୍‌ରୁ ପ୍ଲେଟ୍ ଖସି ମିସ୍ତ୍ରିଙ୍କ ମୃତ୍ୟୁ

**ବଡ଼ଗାଁ, ୩।୩(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ମୁକୁନ୍ଦପୁର ଗାଁ ନିକଟରେ ନିର୍ମାଣାଧୀନ ଏକ ବ୍ରିଜରେ କାମ କରୁଥିବା ବେଳେ ଢଳେଇରେ ବ୍ୟବହୃତ ଏକ ପ୍ଲେଟ ଖସି ପଡ଼ିବାରୁ ଶୁକ୍ରବାର କାର୍ଯ୍ୟରତ ଜଣେ ମିସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପଶ୍ଚିମବଙ୍ଗ ରାଜ୍ୟ ନଦିଆ ଜିଲାର ଧୀରଜ ପୋଦର୍। ସବୁଦିନ ଭଳି ସକାଳେ ଧୀରଜ ବ୍ରିଜରେ କାମ କରୁଥିଲେ। ଏହି ସମୟରେ ବ୍ରିଜ ଉପରୁ ଏକ ଲୁହା ପ୍ଲେଟ ତାଙ୍କ ମୁଣ୍ଡ ଉପରେ ଖସି ପଡିବାରୁ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ବଡ଼ଗାଁ ମେଡିକାଲକୁ ଅଣାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

## ସୁପର ଷ୍ଟ୍ରାଇକର, ଓମ୍‌ସାଇ ଦଳ ବିଜୟୀ

**ରାଉରକେଲା ଅଫିସ,୩।୩**

**ପ୍ରଫୁଲ୍ଲ ପ୍ରହରାଜ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ**

ରାଉରକେଲା ଫର୍ଟିଲାଇଜର ସ୍ଥିତ ବାବାମଣି କ୍ଲବ ପକ୍ଷରୁ ତୃତୀୟ ପ୍ରଫୁଲ୍ଲ ପ୍ରହରାଜ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣମେଣ୍ଟ ଶୁକ୍ରବାର ଫିଲ୍‌ଟର ହାଉସ୍ ପଡିଆରେ ଉଦ୍‌ଘାଟିତ ହୋଇଛି। ବିଜୟାନନ୍ଦ ପ୍ରହରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚ୍‌ରେ ସମାଜସେବୀ ଆକୁଳ ଚରଣ ସେନାପତି ମୁଖ୍ୟ ଅତିଥି, ସୁଦର୍ଶନ ପରିଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ରାଉରକେଲା ଆଖପାଖ ଅଞ୍ଚଳରୁ ୨୪ଟି ଦଳ ଅଂଶଗ୍ରହଣ କରିଛନ୍ତି। ଟୁର୍ଣ୍ଣାମେଣ୍ଟର ଚାମ୍ପିୟନ ଦଳକୁ ୬ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଦଳକୁ ୪ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ। ଆଜିର ପ୍ରଥମ ମ୍ୟାଚ୍ ସୁପର ଷ୍ଟ୍ରାଇକର ଓ ଡବ୍ଲ୍ୟୁପିସିଟି ମଧ୍ୟରେ ଖେଳାଯାଇଥିଲା। ଏଥିରେ ସୁପରଷ୍ଟ୍ରାଇକର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୭୦ ରନ ସଂଗ୍ରହ କରିଥିଲା। ଜବାବରେ ଡବ୍ଲ୍ୟୁପିସିଟି ଦଳ ସମସ୍ତ ଉଇକେଟ ହରାଇ ମାତ୍ର ୪୩ ରନ କରି ପରାଜିତ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ଓମସାଇ ଓ ସାଇ ଇଲେଭେନ ମଧ୍ୟରେ ଖେଳାଯାଇଥିଲା। ଏଥିରେ ସାଇ ଇଲେଭେନ ଦଳ ପ୍ରଥମେ ବ୍ୟାଟିଂ କରି ୩ ଉଇକେଟ ହରାଇ ୩୩ ରନ କରିଥିଲା। ଜବାବରେ ଓମ୍‌ସାଇ ଦଳ ମାତ୍ର ୨ ଉଇକେଟ ହରାଇ ବିଜୟୀ ହୋଇଥିଲା। ଜ୍ଞାନରଞ୍ଜନ ପ୍ରହରାଜ ଓ ଅକ୍ଷୟ ମଲ୍ଲିକ ମ୍ୟାଚ୍ ପରିଚାଳନା କରିଥିବାବେଳେ ଅମର ବିଶ୍ୱାସ ରନ ତଦାରଖ କରିଥିଲେ। ବିଜୟ ମହାପାତ୍ର, ସୁଦର୍ଶନ ପରିଡା, ସୁମନ୍ତ ନାୟକ, ଅଶୋକ ଜେନା ପ୍ରମୁଖ ସହାଯୋଗ କରିଥିଲେ।

## ମେଳା ପରେ ସ୍ୱଚ୍ଛତାକୁ ଭୁଲିଗଲେ

**ପଡ଼ିଆ ସାରା ପଡ଼ିଛି ଇଟା, ପଲିଥିନ**

**ରାଉରକେଲା ଅଫିସ,୩।୩**

ରାଉରକେଲା ବାସନ୍ତୀ କଲୋନୀ ଡିଏଭି ପଡିଆରେ ଗତ ଫେବୃଆରୀ ୨୫ରୁ ୨୮ ତାରିଖ ପର୍ଯ୍ୟନ୍ତ ରାଜସ୍ଥାନ ପରିଷଦ ପକ୍ଷରୁ ରାଜସ୍ଥାନ ମେଳା ଅନୁଷ୍ଠିତ ହୋଇଥିଲା। ଏହି ମେଳା ଶେଷ ହେବାର ୪ ଦିନ ବିତିଯାଇଥିଲେ ମଧ୍ୟ ଡିଏଭି ପଡିଆକୁ ସଫେଇ କରାଯାଇନାହିଁ। ଡିଏଭି ପଡିଆରେ ପ୍ରତିଦିନ ଶହ ଶହ ପିଲା ଖେଳକୁଦ କରନ୍ତି। ଏହି ପଡିଆ ଅପରିଷ୍କାର ହୋଇ ପଡିଥିବାବେଳେ ବିଭିନ୍ନ ସ୍ଥାନରେ ବାଉଁଶ ପୋତି ପଡିଆ ଗର୍ତ୍ତ ସୃଷ୍ଟି ହୋଇଛି। ପଡିଆର ଚାରିପଟେ ଇଟାଖଣ୍ଡ ସାଙ୍ଗକୁ ବିଭିନ୍ନ ପ୍ରକାର ଅଇଁଠାପତ୍ର, ଜରି, କାଗଜ, ପ୍ଲାଷ୍ଟିକ ବୋତଲ ପଡିରହିଛି। ଡିଏଭି ପଡିଆର ଏଭଳି ଅସ୍ୱାସ୍ଥ୍ୟକର ପରିବେଶରେ କ୍ରୀଡ଼ାବିତ୍‌ମାନେ ଖେଳକୁଦ କରିବା ପାଇଁ ହଇରାଣ ହେଉଛନ୍ତି। ଏ ନେଇ ରାଜସ୍ଥାନ ପରିଷଦର ସଭାପତି ଶୈଳେନ୍ଦ୍ର ଗରଡିଆଙ୍କୁ ପଚାରିବାରୁ ପଡିଆର ସ୍ୱଚ୍ଛତା ପାଇଁ ଆମେ ଆର୍‌ଏମ୍‌ସିକୁ ଅବଗତ କରିଛୁ। ଖୁବଶୀଘ୍ର ଏହି ପଡିଆ ଦୁଇଦିନ ଭିତରେ ସଫେଇ ହୋଇଯିବ ବୋଲି ସେ କହିଥିଲେ।



ଡିଏଭି ପଡିଆରେ ପଲିଥିନ, ଇଟା ଆଦି ପଡିରହିଛି।

## ସରକାରୀ ଜମିରେ ମନ୍ଦିର ନିର୍ମାଣକୁ ନେଇ ବିବାଦ

**ରାଉରକେଲା ଅଫିସ, ୩।୩**

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ଲିମଡା ଗ୍ରାମପଞ୍ଚାୟତ ଅଧୀନ ଘୋଡାବନ୍ଧ ଗାଁରେ ସରକାରୀ ଜମିରେ ମନ୍ଦିର ନିର୍ମାଣକୁ ନେଇ ଦୁଇ ସମ୍ପ୍ରଦାୟ ମଧ୍ୟରେ ବିବାଦ ଦେଖାଦେଇଛି। ଏହାର ସମାଧାନ ପାଇଁ ଗାଁର ଗୋଟିଏ ସମ୍ପ୍ରଦାୟର ଶତାଧିକ ମହିଳାପୁରୁଷ ଶୁକ୍ରବାର ରାଉରକେଲା ଉପଜିଲାପାଳଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହାର ନକଲ ସୁନ୍ଦରଗଡ ଜିଲାପାଳ ଓ ଏସ୍‌ପିଙ୍କୁ ପ୍ରଦାନ କରାଯାଇଛି।

ସୂଚନା ଅନୁସାରେ, ଘୋଡାବନ୍ଧ ଗାଁରେ ବନ ବିଭାଗ ଅଧୀନ ଏକ ପାହାଡ ରହିଛି। ସେଠାରେ ଗତ କିଛିବର୍ଷ ହେଲା ଗ୍ରାମବାସୀ ମହାଦେବଙ୍କ ପ୍ରତିମାକୁ ପୂଜାର୍ଚ୍ଚନା କରିଆସୁଥିଲେ। ତେବେ ସେଠାରେ ମନ୍ଦିର ନିର୍ମାଣ କରିବାରୁ ଗତ ଜାଗର ଯାତ୍ରା ସମୟରେ ଅନ୍ୟ ଏକ ସମ୍ପ୍ରଦାୟର ଲୋକେ ଏହାକୁ ବିରୋଧ କରିଥିଲେ। ଉଭୟ ସମ୍ପ୍ରଦାୟ ମଧ୍ୟରେ ବିବାଦ ଉପୁଜିବାରୁ ପ୍ରଶାସନର ହସ୍ତକ୍ଷେପ ପରେ ସେଠାରେ ପୂଜାର୍ଚ୍ଚନା ବନ୍ଦ ରହିଛି। ତେବେ ଗ୍ରାମବାସୀଙ୍କ ଧାର୍ମିକ ଭାବନାକୁ ସମ୍ମାନ ଦେଇ ଉକ୍ତ ସ୍ଥାନରେ ପୁନଃ ପୂଜାର୍ଚ୍ଚନା କରିବାକୁ ଅନୁମତି ଦେବା ପାଇଁ ଗ୍ରାମବାସୀ ଉପଜିଲାପାଳଙ୍କ ନିକଟରେ ଦାବି କରି ସ୍ମାରକପତ୍ର ପ୍ରଦାନ କରିଥିଲେ। ସ୍ମାରକପତ୍ର ପ୍ରଦାନ ସମୟରେ ସମୟରେ କମଲ ସିଂ, ମୀନକେତନ ସାହୁ, ବିଲୁ ଗୌଡ, ହରିଶ୍ଚନ୍ଦ୍ର ସାହୁ, ପ୍ରଭୁ ସାହୁ, ଜୟା ଏକ୍କା, ଉମେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ରାଉରକେଲା ଉପଜିଲାପାଳ ଅଭିମନ୍ୟୁ ମାଝିଙ୍କୁ ପଚାରିବାରୁ ସେ କହିଲେ, ସେଠାରେ ଶାନ୍ତି ବଜାୟ ରଖିବା ପାଇଁ ୧୪୪ ଧାରା ଜାରି ହୋଇଛି। ରାଜସ୍ୱ ଅଧିକାରୀ ଓ ପୋଲିସର ସରଜମିନ ତଦନ୍ତ ପରେ ବିହିତ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ଏ ନେଇ ନୂଆଗାଁ ଥାନାଧିକାରୀ ବୀରକିଶୋର ମଲ୍ଲିକ କୁହନ୍ତି, ସରକାରୀ ଜମି ବନ ବିଭାଗ ଅଧୀନରେ ରହିଛି। ପାହାଡରେ ବୃକ୍ଷରୋପଣ ପାଇଁ ବନ ବିଭାଗ ଗୋଟିଏ ସମ୍ପ୍ରଦାୟକୁ ଶାଗୁଆନ ଚାରା ଦେଇଥିଲା। ସେମାନେ ମଧ୍ୟ ଚାରାରୋପଣ କରିଛନ୍ତି। ସେଠାରେ କିଛି ଲୋକ ମହାଦେବଙ୍କ ପ୍ରତିମାକୁ ପୂଜାର୍ଚ୍ଚନା କରୁଥିଲେ। ଜାଗରଯାତ୍ରା ପୂର୍ବରୁ ସେଠାରେ ମନ୍ଦିର ନିର୍ମାଣ କରିବାରୁ ବିବାଦ ସୃଷ୍ଟି ହେଲା। ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ପୋଲିସ ପକ୍ଷରୁ ୧୪୪ ଧାରା ଜାରି କରାଯାଇଛି। ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଦୈନିକ ପୋଲିସ ପାଟ୍ରୋଲିଂ ହେଉଥିବା ଥାନାଧିକାରୀ ମଲ୍ଲିକ କହିଥିଲେ।




ଗ୍ରାମବାସୀ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦାବି ଉପସ୍ଥାପନ କରୁଛନ୍ତି।

## ରେଳ ଧାରଣାରୁ ମୃତଦେହ ଜବତ

ମୁରିବାହାଲ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ମୁରିବାହାଲ ରେଳ ଷ୍ଟେଶନ ସାଲେପଡା ରେଳ ଫାଟକ ନିକଟ ରେଳ ଲାଇନ କଡରୁ ଶୁକ୍ରବାର ଜଣେ ଯୁବକଙ୍କ ମୃତଦେହ ଜିଆରପି ଜବତ କରିଛି। ମୃତକ ଆକାଶିଆ ରଙ୍ଗର ଶାର୍ଟ ଏବଂ ନୀଳ ରଙ୍ଗର ଜିନ୍ସ ପିନ୍ଧିଥିବା ଦେଖାଯାଇଛି। ମୃତକଙ୍କୁ ଚିହ୍ନଟ କରାଯାଇ ପାରିନାହିଁ। ଏହା ଏକ ହତ୍ୟା ନା ଆତ୍ମହତ୍ୟା ଜଣାପଡିନାହିଁ। କଣ୍ଟାବାଞ୍ଜି ଜିଆରପି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

**ସଂକ୍ଷେପରେ**

## ବେଆଇନ ବାଲି ଚାଲାଣ ବେଳେ ଚଢ଼ାଉ

ଖପ୍ରାଖୋଲ,୩।୩(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ତହସିଲ ଦମେଇପାଲି ଗାଁ ନିକଟ ନଦୀରୁ ବେଆଇନ ବାଲି ଚାଲାଣ ବେଳେ ଶୁକ୍ରବାର ତହସିଲ ତରଫରୁ ଚଢ଼ାଉ କରାଯାଇଥିଲା। ଏହି ଅବସରରେ ଏକ ଟ୍ରାକ୍ଟରରୁ ଜରିମାନା ଆଦାୟ କରାଯାଇଛି। ପୂର୍ବରୁ ଦମାଇପାଲି ନଦୀରୁ ବେଆଇନ ବାଲି ଚୋରି ହେଉଥିବା ଅଭିଯୋଗ ହୋଇଥିଲା। ଖବର ପାଇ ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ଚଢ଼ାଉ କରିଥିଲେ। ଚଢ଼ାଉରେ ଲୁହାସିଂହା ଆର୍‌ଆଇ ସୁବ୍ରତ କୁମାର ଭୋଇ, ଲାଠୋର ଆର ଆଇ ଇନ୍ଦ୍ରମଣି ନାୟକ ସାମିଲ ହୋଇଥିଲେ। ବେଆଇନ ବାଲି ଚାଲାଣ କରୁଥିବା ଟ୍ରାକ୍ଟରଠାରୁ ୩୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ତହସିଲଦାର ପ୍ରକାଶ କରିଛନ୍ତି।

## ଚାଷୀଙ୍କୁ ମିଳୁନି ଧାନ ବିକ୍ରି ଟଙ୍କା

ଲାଠୋର,୩।୩(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଯମୁନାପାଲି ଗ୍ରାମର ଚାଷୀ ଲକ୍ଷ୍ମୀନାରାୟଣ ବିଶିଙ୍କୁ ଧାନ ବିକ୍ରି ଟଙ୍କା ମିଳିନାହିଁ। ୧୭ ଜାନୁଆରୀ ୨୦୨୩ରେ ସେ ତେଲେନପାଲି ମଣ୍ଡିରେ ୯୩ କୁଇଣ୍ଟାଲ ଧାନ ବିକ୍ରି କରିଥିଲେ। ବିକ୍ରି ବାବଦ ଟଙ୍କା ସେ ତାକର ୟୁନିୟନ ବ୍ୟାଙ୍କ ପାସ୍‌ବହିରେ ଜମା ଦେବାକୁ ତାର ନକଲ ମଣ୍ଡି ସମ୍ପାଦକଙ୍କୁ ପ୍ରଦାନ କରୁଥିଲେ। ହେଲେ ଦୁଇ ମାସ ହେବାକୁ ଯାଉଥିବା ବେଳେ ଟଙ୍କା ଜମା ହୋଇନାହିଁ। ସମ୍ପାଦକଙ୍କୁ ସାକ୍ଷାତ କଲେ ବ୍ୟାଙ୍କ କୋଡ ଭୁଲ ଅଛି ବୋଲି କହୁଛନ୍ତି। ଲକ୍ଷ୍ମୀନାରାୟଣ ବ୍ୟାଙ୍କ କୋଡ ସୁଧାର କରି ତାର ନକଲ ମଣ୍ଡିରେ ପ୍ରଦାନ କରିବା ଇତିମଧ୍ୟରେ ୨୦ଦିନ ବିତି ଗଲାଣି। ଏହାସତ୍ତ୍ୱେ ତାଙ୍କ ଖାତାରେ ଟଙ୍କା ଜମା ହୋଇନାହିଁ। ଏନେଇ ସମ୍ପାଦକ ଗଣେଶ ମାଝିଙ୍କୁ ପଚାରିବାରେ ଲକ୍ଷ୍ମୀନାରାୟଣଙ୍କ ଟଙ୍କା କାହିଁକି ଜମା ହେଉ ନାହିଁ ଡିଆରସିଏସଙ୍କୁ ଅବଗତ କରାଯାଇ ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।

## ଷୋହଳ ପ୍ରହର ନାମଯଜ୍ଞ ପାଇଁ ବୈଠକ

ମୁରିବାହାଲ,୩।୩(ଡି.ଏନ. ଏ.): ବଲାଙ୍ଗୀର ଜିଲା ମୁରିବାହାଲ ରାଧାକୃଷ୍ଣ ଓ ଶିବ ମନ୍ଦିର ତରଫରୁ ଆସନ୍ତା ୫ ତାରିଖଠାରୁ ଆରମ୍ଭ ହୋଇଥିବା ଷୋହଳ ପ୍ରହର ନାମଯଜ୍ଞ ସକାଶେ ଶୁକ୍ରବାର ମନ୍ଦିର ପରିସରରେ ଚୂଡ଼ାନ୍ତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମନ୍ଦିର ପରିଚାଳନା କମିଟି ସଭାପତି ରାଜୀବ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ନାମଯଜ୍ଞ ରେ ବଲାଙ୍ଗୀର, ବରଗଡ଼ ଓ କଳାହାଣ୍ଡିର ସଂକୀର୍ତ୍ତନ ଦଳ ଯୋଗଦେବା କାର୍ଯ୍ୟକ୍ରମ ଥିବା କୁହାଯାଇଥିଲା। ନାମଯଜ୍ଞରେ କର୍ତ୍ତାଭାବେ ଭବାନୀ ଶଙ୍କର ଶର୍ମା ଓ ତାଙ୍କ ସ୍ତ୍ରୀ ପୂଜା ଶର୍ମା କାର୍ଯ୍ୟ ତୁଲେଇବେ।

## ୨ପଥର ବୋଝେଇ ଟ୍ରାକ୍ଟରକୁ ୩୦ହଜାର ଜରିମାନା

ଲୋଇସିଂହା,୩।୩(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ତହସିଲ ପକ୍ଷରୁ ଶୁକ୍ରବାର ବେଆଇନ ପଥର ଚାଲାଣ ଅଭିଯୋଗରେ ୨ଟି ଟ୍ରାକ୍ଟରରୁ ୩୦ ହଜାର ଜରିମାନା ଆଦାୟ କରାଯାଇଛି । ପରବର୍ତ୍ତୀ ସମୟରେ ଅନୁମତିପତ୍ର ଦେଖିଲା ପରେ ସମ୍ପୃକ୍ତ ଟ୍ରାକ୍ଟରକୁ ଛାଡି ଦିଆଯାଇଛି। ବଲାଙ୍ଗୀର ଜଳସେଚନ ବିଭାଗ ପକ୍ଷରୁ ଲୋଇସିଂହା ବ୍ଲକ ହୀରାପୁର ନିକଟ ସୁକତେଲ ନଦୀରେ ଏଫପିଇ କାମ ଚାଲିଛି । ଏଥିପାଇଁ ସାଇଜ ପଥର ଆବଶ୍ୟକ ପଡୁଛି । ବରକାନି ପଥର ଖାଦାନଠାରୁ ହୀରାପୁର ସୁକତେଲନଦୀକୁ ପଥର ଆଣିବାକୁ ୧ମାର୍ଚ୍ଚରେ ପରିବହନ ଅନୁମତି ପତ୍ର ପାଇଛନ୍ତି ଠିକାଦର। ହେଲେ ବିନା ଅନୁମତି ପତ୍ରରେ ଶୁକ୍ରବାର ୨ଟି ଟ୍ରାକ୍ଟର (ଓଡି୦୩ କେ ୨୦୩୮) ଓ (ଓଡି୦୩ଜି ୦୯୫୧)ରେ ହୀରାପୁର ସୁକତେଲ ନଦୀକୁ ଆସୁଥିଲା । ସକାଳ ୬ଟାରେ ଲୋଇସିଂହା ତହସିଲଦାର ସଂଘମିତ୍ରା କାଲୋ ସମ୍ପୃକ୍ତ ଟ୍ରାକ୍ଟରଦ୍ୱୟକୁ ଅଟକାଇ କାଗଜାତ ଦେଖାଇବାକୁ କହିଥିଲେ । ହେଲେ ଟ୍ରାକ୍ଟର କର୍ମଚାରୀ କୌଣସି କାଗପତ୍ର ଦେଖାଇ ପାରି ନ ଥିଲେ । ଫଳରେ ବେଆଇନ ପଥର ଚାଲାଣ ଅଭିଯୋଗରେ ଟ୍ରାକ୍ଟରକୁ ଲୋଇସିଂହା ତହସିଲକୁ ଆଣି ୩୦ହଜାର ଜରିମାନା କାଟିଥିଲେ। ଅପରପକ୍ଷେ ଗୁରୁବାର ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ଲୋଇସିଂହା ଅଗ୍ରେସନ ଭାବନ ସମ୍ମୁଖରେ ଏକ ବାଲି ବୋଝେଇ ହାଇୱାକୁ ତହସିଲଦାର କାଲୋ ଧରିଥିଲେ ।

# ପିକ୍‌ଅପ୍ ଭ୍ୟାନ୍ ଓଲଟି ୧୮ ଶ୍ରମିକ ଗୁରୁତର

ଲାଞ୍ଜିଗଡ଼,୩।୩(ଡି.ଏନ.ଏ.)

କଳାହାଣ୍ଡି-ରାୟଗଡ଼ ଜିଲା ସୀମାନ୍ତ ଝିଗିଡ଼ି ଗାଁ ନିକଟରେ ପିକ୍‌ଅପ୍ ଭ୍ୟାନ୍ ଓଲଟି ପଡ଼ିବାରୁ ୧୮ଜଣ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ଗୁରୁତରଙ୍କୁ ଭବାନୀପାଟଣା ଓ ରାୟଗଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ସୂଚନାନୁଯାୟୀ, ଶୁକ୍ରବାର କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧ ପଞ୍ଚାୟତ ଜାରେଙ୍ଗପଟା, ଜିଙ୍ଗେରଗୁ ଇରକୁଲି ଓ ବରାଘାଟି ଗାଁର ୨୬ଜଣ ଶ୍ରମିକ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ବସି ରାୟଗଡ଼ ଜିଲା ମୁନିଗୁଡ଼ା ବ୍ଲକ ଦହିଖାଲକୁ ନୀଳଗିରି ଗଛ କାଟିବାକୁ ଯାଉଥିଲେ। ଝିଗିଡ଼ି ଗାଁ ନିକଟରେ ଭାରସାମ୍ୟ ହରାଇ ପିକ୍‌ଅପ୍ ଭ୍ୟାନ ଓଲଟି ପଡ଼ିବାରୁ ସେଥିରେ ବସିଥିବା ୨୬ଜଣ ଶ୍ରମିକଙ୍କ ମଧ୍ୟରୁ ୧୮ଜଣ ଗୁରୁତର ହୋଇଥିବାବେଳେ ଅନ୍ୟ ୮ଜଣ ସାମାନ୍ୟ ଆହତ ହୋଇଛନ୍ତି। ସେମାନଙ୍କୁ ପୋଲିସ ଓ ଆମ୍ବୁଲାନ୍ସ ସହାୟତାରେ ବିଶ୍ୱନାଥପୁର ଓ ଅମ୍ବାଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବାବେଳେ ୧୮ଜଣ ଗୁରୁତରଙ୍କୁ ଭବାନୀପାଟଣା ଓ ରାୟଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଆହତ ୮ଜଣ ବିଶ୍ୱନାଥପୁର ଓ ଅମ୍ବାଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଖବର ପାଇ ଲାଞ୍ଜିଗ ବ୍ଲକ ଅଧକ୍ଷା କମଳା ପାତ୍ର ଓ ତାଙ୍କ ପ୍ରତିନିଧି ହରିଶଙ୍କର ପାତ୍ର ଦୁର୍ଘଟଣାସ୍ଥଳ ପରିଦର୍ଶନ କରିବା ସହିତ ଅମ୍ବାଦଳା ଓ ବିଶ୍ୱନାଥପୁର ଡାକ୍ତରଖାନା ଯାଇ ଗୁରୁତର ଆହତ ଓ ଆହତଙ୍କ ଉଦ୍ଧାର ଓ ଚିକିତ୍ସା କାର୍ଯ୍ୟର ତଦାରଖ କରିଥିଲେ। ପୋଖରୀବନ୍ଧ ସରପଞ୍ଚ ସସ୍ମିତା ମାଝି ଓ ତାଙ୍କ ପ୍ରତିନିଧି କର୍ଣ୍ଣ ମାଝି, ଲକ୍ଷ୍ମୀକାନ୍ତ ବେହେରା, ଜଗା ପ୍ରଧାନୀ ପ୍ରମୁଖ ଗୁରୁତରଙ୍କୁ ଉଦ୍ଧାର ତଥା ସ୍ଥାନାନ୍ତର କାର୍ଯ୍ୟରେ ସହଯୋଗ କରିଥିଲେ। ଏ ନେଇ ଅମ୍ବାଦଳା ଥାନାରେ ଏକ ମାମଲା ରୁଜୁ ହୋଇଥିବାବେଳେ ଦୁର୍ଘଟଣା ପରେ ଚାଳକ ପୋଲିସ ପାଖରେ ଆତ୍ମସମର୍ପଣ କରିଥିବା ଜଣାପଡିଛି।


ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ୍ ଭ୍ୟାନ୍।





**ଗୁରୁତରଙ୍କୁ ଭବାନୀପାଟଣା, ରାୟଗଡ଼ ସ୍ଥାନାନ୍ତର**

# ମାର୍ଚ୍ଚ ୫ରୁ ଜିଲାସ୍ତରୀୟ ଉଦ୍ୟୋଗୀ ସପ୍ତାହ

ବଲାଙ୍ଗୀର ଅଫିସ, ୩।୩

ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜନ୍ମତିଥିକୁ ଉଦ୍ୟୋଗୀ ସପ୍ତାହ ଭାବେ ମାର୍ଚ୍ଚ ପ୍ରଥମ ସପ୍ତାହକୁ ପାଳନ କରାଯିବ। ଏହି ପରିପ୍ରେକ୍ଷୀରେ ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ପଡିଆରେ ଜିଲାସ୍ତରୀୟ ଉଦ୍ୟୋଗୀ ସପ୍ତାହ ଚଳିତ ମାର୍ଚ୍ଚ ୫ରୁ ୯ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ଏନେଇ ଜିଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆ ଏବଂ ଜିଲା ଶିଳ୍ପକେନ୍ଦ୍ର ସାଧାରଣ ପରିଚାଳକ ବିଷ୍ଣୁ ପ୍ରସାଦ ଦାଶ ଶୁକ୍ରବାର ସୂଚନା ଦେଇଛନ୍ତି। ବଲାଙ୍ଗୀର ଜିଲା ପ୍ରଶାସନ ଓ ଜିଲା ଶିଳ୍ପ କେନ୍ଦ୍ର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଉଦ୍ୟୋଗୀ ସପ୍ତାହରେ ୮୦ଟି ଷ୍ଟଲ୍ ଲଗାଯିବ। ଏହି ଷ୍ଟଲ ଗୁଡ଼ିକରେ ୧୦ଟି ହସ୍ତଶିଳ୍ପ, ୧୦ଟି ମିଶନ୍ ଶକ୍ତି, ୨ଟି ବସ୍ତ୍ର (ଟେକ୍ସଟାଇଲ ଷ୍ଟଲ), ୨ଟି ପିଏମଏଫଏମଇ, ୧୦ଟି ପିଏମଇପିଜି, ୩୨ଟି ଏମଏସଏମଇ ଷ୍ଟଲ୍ ପ୍ରଦର୍ଶନୀ ହେବ। ଜିଲାରେ ଥିବା ଉତ୍ସାହୀ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରିବା ସହ ଆବଶ୍ୟକ ହେଲେ ସେମାନଙ୍କ ଉତ୍ପାଦର ବଜାର, ନୂତନ ଶିଳ୍ପ ପ୍ରତିଷ୍ଠା ପାଇଁ ସରକାରୀ ପ୍ରୋତ୍ସାହନ ଯୋଗାଇ ଦିଆଯିବା ସୂଚନା ଦିଆଯାଇଛି। ଏହି ଅବସରରେ ଜିଲାର ଆଗ୍ରହୀ ଉଦ୍ୟୋଗୀଙ୍କଠାରୁ ପ୍ରସ୍ତାବ ଗ୍ରହଣ କରାଯାଇ ଜିଲାର ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା କରାଯାଇ ଉଦ୍ୟୋଗୀ ସପ୍ତାହ ମଧ୍ୟରେ ସେମାନଙ୍କୁ ପ୍ରୋତ୍ସାହନ ବ୍ୟବସ୍ଥା କରାଯିବ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।



ଜିଲା ପ୍ରଶାସନ ଏବଂ ଜିଲା ଶିଳ୍ପ ତାଲିମ କେନ୍ଦ୍ର ପକ୍ଷରୁ ଉଦ୍ୟୋଗୀ ସପ୍ତାହ ଉପରେ ସୂଚନା ଦିଆଯାଉଛି।

# ଜୁନିୟର ରେଡ୍‌କ୍ରସର ଶିକ୍ଷା, ତାଲିମ କ୍ୟାମ୍ପ



ମଞ୍ଚାସୀନ ଅତିଥିଗଣ।

ସଇଁତଳା, ୩।୩ (ଡ଼ି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ବେଲଗାଁସ୍ଥିତ ବିଜୟାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜୁନିୟର ରେଡ଼କ୍ରସର ଶିକ୍ଷା ଓ ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମନ୍ତ୍ରୀ ଟୁକୁନୀ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଜିଲା ଶିକ୍ଷାଧିକାରୀ ଧ୍ରୁବ ଚରଣ ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିହାର ରଞ୍ଜନ ବେହେରା, ଟିଟିଲାଗଡ଼ ଶିକ୍ଷାଧିକାରୀ ଆର୍ତ୍ତତ୍ରାଣ ରଥ, ପୁଇଁତଳା ଶିକ୍ଷାଧିକାରୀ ଲୋକନାଥ ସୁନା, ଜିଲା ଅତିରିକ୍ତ ଶିକ୍ଷାଧିକାରୀ କେଶବ ଚନ୍ଦ୍ର ମେହେର କେଶବ ଚନ୍ଦ୍ର ମେହେର, ପାଟଣାଗଡ଼ ଶିକ୍ଷାଧିକାରୀ ଶଙ୍କର ମାଝୀ, ସଇଁତଳା ଶିକ୍ଷାଧିକାରୀ ଗୋବର୍ଦ୍ଧନ ଭୋଇ, ଆଇପିଇ ଅନ୍ତର୍ଯ୍ୟାମୀ ବିଶ୍ୱାଳ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଜୁନିୟର ରେଡ଼କ୍ରସ କାର୍ଯ୍ୟକାରିଣୀ ସଦସ୍ୟ ହେମନ୍ତ ପ୍ରଧାନ ସଭା ପରିଚାଳନା କରିଥିଲେ। ପ୍ରାରମ୍ଭରେ ସଇଁତଳା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ (ଏସଏସଡ଼ି)ର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିବିରରେ ଜିଲାର ୧୪ବ୍ଲକର ଜୁନିୟର ବିଭାଗରୁ ୭୧୦ଜଣ ଛାତ୍ରୀଛାତ୍ର ଓ ୨୫୦ଜଣ ପ୍ରଶିକ୍ଷକ କାଉନସିଲର ଯୋଗଦେଇଥିଲେ। ତିନିଦିନ ଧରି ଚାଲିଥିବା ଶିବିରରେ ପ୍ରାଥମିକ ଚିକିତ୍ସା, ଅଗ୍ନି ଉପଶମ, ଶିଶୁ ସୁରକ୍ଷା, ଦୈବୀ ଦୁର୍ବିପାକ, ଜୀବନ କୌଶଳ ଶିକ୍ଷା, ରକ୍ତଦାନ, ସଡ଼କ ସୁରକ୍ଷା, ପରିବେଶ ସୁରକ୍ଷା ତଥା ଜଳବାୟୁ ପରିବର୍ତ୍ତନ ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା। ସେହିପରି ବେଲଗାଁ ଗ୍ରାମକୁ ଯାଇ ଛାତ୍ରୀଛାତ୍ରଙ୍କ ସହ ପ୍ରଶିକ୍ଷକମାନେ ରେଡ଼କ୍ରସର ଉଦ୍ଦେଶ୍ୟ ବିଷୟରେ ଜନସାଧାରଣଙ୍କୁ ଅବଗତ କରିଥିଲେ।ଶେଷରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ନାରାୟଣ ମିଶ୍ର ଧନ୍ୟବାଦ ଜ୍ଞାପନ କରିଥିଲେ।

## ତହସିଲଦାରଙ୍କୁ ଦାବିପତ୍ର ଦେଲେ ଚାଷୀ

**ମିଳିନି ଇନ୍‌ପୁଟ ସବ୍‌ସିଡି**

ଲୋଇସିଂହା,୩।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଉପରବାହାଲ ପଞ୍ଚାୟତ ଅନ୍ତର୍ଗତ ଫଟାମୁଣ୍ଡା ଗ୍ରାମର ଚାଷୀ ୨୦୨୧-୨୨ ଖରିଫ ଋତୁରେ ମରୁଡି ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ। ହେଲେ ମରୁଡି ସର୍ଭେ ବେଳେ ତ୍ରୁଟି ଯୋଗୁ ବହୁ କ୍ଷତିଗ୍ରସ୍ତ ଚାଷୀ ଇନପୁଟ ସବସିଡି ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହାର ପ୍ରତିବାଦ କରି ଚାଷୀମାନେ ଆଗଲପୁର ତହସିଲଦାର ସରୋଜ ବେହେରାଙ୍କ ନିକଟରେ ଫେରାଦ ହୋଇଛନ୍ତି। ଉପଯୁକ୍ତ ତଦନ୍ତ କରି କ୍ଷତିପୂରଣ ଯୋଗାଇଦେବାକୁ ଚାଷୀମାନେ ଦାବି କରିଛନ୍ତି। ଉପଯୁକ୍ତ ତଦନ୍ତ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଦେବା ଯୋଗାଇ ଦେବାକୁ ଷ୍ଟାଫଙ୍କୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି ତହସିଲଦାର ବେହେରା। ୨୦୨୧-୨ ଆର୍ଥିକ ବର୍ଷରେ ବର୍ଷାଭାବଯୋଗୁ ଖରିଫ ଚାଷ ପ୍ରଭାବିତ ହୋଇଥିଲା। ରାଜ ସରକାର ମରୁଡି ଘୋଷଣା କରିବା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ଚିହ୍ନଟ କରି କ୍ଷତିପୂରଣ ଦେବା ପାଇଁ ଘୋଷଣା କରିଥିଲେ। ସେତେବେଳେ କୃଷି ଓ ରାଜସ୍ୱ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଭାବେ ସର୍ଭେ ହୋଇଥିଲା। ଉଭୟ ବିଭାଗ ତଦନ୍ତରେ ତାଳମେଳ ରହୁ ନ ଥିବାରୁ ଫଟାମୁଣ୍ଡା ଗ୍ରାମର ବହୁ ଚାଷୀ କ୍ଷତିପୂରଣ ପାଇବାରୁ ବଞ୍ଚିତ ରହିଛନ୍ତି। ଆଇନଜୀବୀ ବିଜୟ ବାବୁଙ୍କ ନେତୃତ୍ୱରେ ଚାଷୀମାନେ ତହସିଲଦାରଙ୍କୁ ଭେଟି ଦାବିପତ୍ର ଦେଇଥିଲେ।

## ପଡ଼ା ବୁଲିଲେ, ଲୋକଙ୍କ ସମସ୍ୟା ଶୁଣିଲେ

ଟିଟିଲାଗଡ଼, ୩।୩(ଡି,ଏନ.ଏ.)

**ଟିଟିଲାଗଡ଼ ପୌରପରିଷଦରେ ଚାଲ ପଡାକେ ବୁଲି ଜିମା କାର୍ଯ୍ୟକ୍ରମ**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ପୌର ପରିଷଦରେ ଆରମ୍ଭ ହେଲା ଚାଲ ପଡ଼ାକେ ବୁଲି ଜିମା କାର୍ଯ୍ୟକ୍ରମ। ଶୁକ୍ରବାର ପରିଷଦର ୱାର୍ଡ ନମ୍ବର ୧ ରୁ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟିକା ତଥା ମନ୍ତ୍ରୀ ଟୁକୁନୀ ସାହୁ, ଉପଜିଲାପାଳ ଦୟାରାମ ପାଢ଼ୀ, ପୌରପରିଷଦ ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ, ଉପାଧ୍ୟକ୍ଷା ପୁଷ୍ପ ମଞ୍ଜରୀ ଜାଲ, କାଉନସିଲର ଚନ୍ଦ୍ରକାନ୍ତି ନାଗ, ଗୋପାଳ ବେହେରା, ମାନସ ସାହୁ, ସୁଧୀର ଅଗ୍ରୱାଲ, ପୌରପରିଷଦର ଇଞ୍ଜିନିୟର ନୀଳକଣ୍ଠ କିଷାନ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ତ୍ରୀ ୱାର୍ଡର ସମସ୍ତ ଅଞ୍ଚଳ ବୁଲି ପୌରପରିଷଦ ତରଫରୁ ଜାରି ରହିଥିବା ବିକାଶମୂଳକ କାର୍ଯ୍ୟ ବୁଲିଦେଖିଥିଲେ। ସ୍ଥାନୀୟ ଲୋକଙ୍କୁ ସାକ୍ଷାତ୍ କରି ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ଖରାଦିନ ପାଇଁ ପାନୀୟ ଜଳର ସୁଯୋଗାଣ ପାଇଁ ଲୋକେ କହିଥିଲେ। କେତେକ ଲୋକ ଜାଗା ମିଶନରେ ସାମିଲ କରିବାକୁ ଅନୁରୋଧ କରିଥିଲେ।


ଚାଲ ପଡାକେ ବୁଲିଜିମା କାର୍ଯ୍ୟକ୍ରମରେ ମନ୍ତ୍ରୀ ଓ ଅଧିକାରୀ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

## ଭାଜପା ପକ୍ଷରୁ ଖଡ଼ିଆଳ ଥାନାରେ ଦାବିପତ୍ର

ଖଡ଼ିଆଳ,୩।୩(ଡି.ଏନ.ଏ.)

ଫେବୃୟାରୀ ୨୮ରେ ଭାଜପା ଯୁବ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତାଙ୍କୁ ପୋଲିସର ଅତର୍କିତ ଓ ମରଣାନ୍ତକ ଆକ୍ରମଣ କରିବା ନେଇ ନୂଆପଡା ଜିଲା ଖଡ଼ିଆଳ ଭାଜପା ପକ୍ଷରୁ ଖଡ଼ିଆଳ ଥାନାରେ ଏତଲା ଦିଆଯାଇଛି। ରାଜ୍ୟ ସରକାରଙ୍କ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପ୍ରତିବାଦରେ ବିଧାନସଭା ଘେରାଉ କରାଯିବା ନେଇ ପୂର୍ବ ସୂଚନା ଦିଆଯାଇଥିଲା। ଶୋଭାଯାତ୍ରା ମାଷ୍ଟରକ୍ୟାଣ୍ଟିନରୁ ପିଏମଜି ଛକ ପର୍ଯ୍ୟନ୍ତ ଯିବା ବେଳେ ପୋଲିସ ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ପୂର୍ବ ଯୋଜନା ମୁତାବକ ଅତର୍କିତ ଓ ମରଣାନ୍ତକ ଆକ୍ରମଣ କରିଥିଲେ। ସାଧା ପୋଷାକଧାରୀ ପୋଲିସ ଏବଂ ଶାସକ ଦଳର ଗୁଣ୍ଡାମାନଙ୍କ ମିଳିତ ଆକ୍ରମଣରେ ଶତାଧିକ ପୁରୁଷ ଓ ମହିଳା କାର୍ଯ୍ୟକର୍ତ୍ତା ଗୁରୁତର ହୋଇ ଏବେ ଚିକିତ୍ସାଧୀନ ଅବସ୍ଥାରେ ଅଛନ୍ତି। ଶୋଭାଯାତ୍ରା ସମୟରେ ମହିଳା କାର୍ଯ୍ୟକର୍ତ୍ତାମାନଙ୍କୁ ଅସଦାଚରଣ ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରାଯାଇଥିଲା ଯାହାର ଦୃଶ୍ୟ ବିଭିନ୍ନ ଗଣମାଧ୍ୟମରେ ପ୍ରଦର୍ଶିତ ହୋଇଛି ବୋଲି ଲିଖିତ ଅଭିଯୋଗ କରିଛନ୍ତି।


ଥାନାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଥାନାରେ ଏତଲା ଦେଲା ଭାଜପା

**ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଏବଂ ନବ ଦାସ ହତ୍ୟାକାଣ୍ଡ ଘଟଣାକୁ ନେଇ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଭୁବନେଶ୍ୱରରେ ଆନ୍ଦୋଳନ କରାଯାଇଥିଲା। ଏହି ଘଟଣାରେ ଯୁବମୋର୍ଚ୍ଚା କର୍ମୀଙ୍କୁ ପୋଲିସ ଆକ୍ରମଣ କରିଥିଲା। ତେବେ ପୋଲିସ ଏକତରଫା ଭାବେ ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାଶିଷ ଆଚାର୍ଯ୍ୟଙ୍କ ସମେତ ୨୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏହାର ପ୍ରତିବାଦ କରି ଶୁକ୍ରବାର ଭାଜପା ପକ୍ଷରୁ ଜିଲାର ବିଭିନ୍ନ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଡିଜିପି, ଟ୍ୱିନସିଟି ପୋଲିସ କମିଶନର ଓ ଡିସିପିଙ୍କ ବିରୋଧରେ ଏତଲା ଦିଆଯାଇଛି।**

ବଲାଙ୍ଗୀର ଅଫିସ/ମୁରିବାହାଲ/ କଣ୍ଟାବାଞ୍ଜି/ ଦେଓଗାଁ, ୩।୩(ଡି.ଏନ.ଏ.), ୩।୩

ବଲାଙ୍ଗୀର ଭାଜପା ତରଫରୁ ଟାଉନ ଥାନା ଏବଂ ସଦର ଥାନାରେ ପୋଲିସ୍ ଡିଜିଙ୍କ ବିରୋଧରେ ଏଫ୍‌ଆଇଆର ଦିଆଯାଇଥିଲା । ଟାଉନ ଥାନାରେ ଦୀନେଶ ଶର୍ମା, ପୀତାମ୍ବର ଖମାରୀ, ପଙ୍କଜିନୀ ପଣ୍ଡା, ରଞ୍ଜିତା ପାଣିଗ୍ରାହୀ, ବନଶ୍ରୀ ଆଚାର୍ଯ୍ୟ ରଶ୍ମିରେଖା ଦାନୀ, ଅନୁସୟା ବେଜ, ଅନିତା ମିଶ୍ର, ସତ୍ୟବତୀ ଗୁରୁ, ସରିତା ଯୋଶୀ, ନିରୁପମା ସାହୁ ଏବଂ ସଦର ଥାନାରେ ଅନନ୍ତ ଦାସ, ସୁନୀଲ କୁମାର ମିଶ୍ର, ସଞ୍ଜୀବ ବାବୁ, ଗଣେଶ ବାଗ, ଅନ୍ତର୍ଯ୍ୟାମୀ ସାହୁ, ଉଗ୍ରସେନ ପାତ୍ର, ସୁବ୍ରତ କୁଅଁର, ସୋମନାଥ ସିଂଦେଓ, ଗୁଣନିଧି ପଟେଲ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

ମୁରିବାହାଲ ବ୍ଲକ ଭାଜପା ପକ୍ଷରୁ ସ୍ଥାନୀୟ ଥାନାରେ ଡିଜିପି, ଟ୍ୱିନ ସିଟି ପୋଲିସ କମିଶନର ଓ ଭୁବନେଶ୍ୱର ଓ କଟକ ଡିସିପିଙ୍କ ବିରୋଧରେ ଏତଲା ଥାନା ଅଧିକାରୀ କମକ ଲୋଚନ ବେହେରାଙ୍କୁ ଦିଆଯାଇଛି। ହଳଦି ମଣ୍ଡଳ ସଭାପତି ଇଶ୍ୱର ପୁଟେଲଙ୍କ ସଭାପତିତ୍ୱରେ ଥାନା ସମ୍ମୁଖରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଦଳର ଜିଲା ସାଧାରଣ ସମ୍ପାଦକ ଶ୍ରୀବତ୍ସ ବେହେରା ବକ୍ତବ୍ୟ ରଖିଥିଲେ। ମୁରିବାହାଲ ମଣ୍ଡଳ ସଭାପତି ସୁରେଶ ଭୋଇ, ସାଧାରଣ ସମ୍ପାଦକ ନାରାୟଣ ସାହୁ, ସୁବାସ ପୋଢ଼, ପଦ୍ମନାଭ ସାହୁ, ରାମୁ କୁମ୍ଭାର, ପ୍ରଦୀପ ବଛା, ସରୋଜ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

ଜିଲା ସଭାପତି ଶିବାଜି ମହାନ୍ତିଙ୍କ ନେତୃତ୍ୱରେ କଣ୍ଟାବାଞ୍ଜି ଥାନାରେ ଏତଲା ଦିଆଯାଇଛି। ଏତଲା ଦେବା ବେଳେ ବେଦବ୍ୟାସ ନାଗ, ଆଶିଷ କୁମାର ଅଗ୍ରୱାଲ, ଚୈତନ ହଂସ, କାଉନସିଲର ନୀଳକଣ୍ଠ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

ଦେଓଗାଁ ବ୍ଲକ ଭାଜପା ତରଫରୁ ବରିଷ୍ଠ ନେତା ବାସୁଦେବ ସିଂନିନାଙ୍କ ନେତୃତ୍ୱରେ ବନ୍ଧପଡା ଫାଣ୍ଡି ଅଧିକାରୀ ସୁଦର୍ଶନ ଦୋରାଙ୍କୁ ଥାନାଧିକାରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅବସରରେ ଏମପିଙ୍କ ବ୍ଲକ ପ୍ରତିନିଧି ଅମିତ କୁମାର ସିଂନିନା, ବିଜୟ ଦନ୍ତା, ଦେବ ପ୍ରସାଦ ସାହୁ, ସୁଦାମ ଗୁରାଣ୍ଡି, ପିଙ୍କୁ ଷାଣ୍ଢ ତଥା କର୍ମକର୍ତ୍ତା ଉପସ୍ଥିତ ଥିଲେ।


ବଲାଙ୍ଗୀର ଟାଉନ୍ ଥାନାରେ ଭାଜପା ପକ୍ଷରୁ ଏତଲା ଦିଆଯାଉଛି।

**ଯୁବମୋର୍ଚ୍ଚା କର୍ମକର୍ତ୍ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନର ପ୍ରତିବାଦ**

## ସଂକ୍ଷେପରେ

### ମିଶନ ଶକ୍ତି ମହିଳାଙ୍କୁ ମିଳିଲା ସାଇକେଲ

ବରପାଲି,୩।୨(ଡି.ଏନ.ଏ.): ବରଗଡ ଜିଲା ବରପାଲି ଗଙ୍ଗାଧର କଲ୍ୟାଣ ମଣ୍ଡପରେ ଶୁକ୍ରବାର ବରପାଲି ଏନଏ୍‌ସି ପକ୍ଷରୁ କାର୍ଯ୍ୟନିର୍ବାହୀ ଅଧିକାରୀ ଭୁବନ କୁମାର ଶତପଥୀଙ୍କ ସଭାପତିତ୍ୱରେ ଗୋଷ୍ଠୀ ସହଭାଗିତା ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ହସ୍ତତନ୍ତ, ବୟନ ଓ ହସ୍ତ ଶିଳ୍ପ ମନ୍ତ୍ରୀ ରୀତା ସାହୁ ମୁଖ୍ୟଅତିଥି, ନଗରପାଳ ଦିନେଶ ଗହୀର ସମ୍ମାନିତ ଅତିଥି ଭାବେ ଯୋଗଦେଇ ମିଶନ ଶକ୍ତି ମହିଳାମାନଙ୍କୁ ସାଇକେଲ ବଣ୍ଟନ କରିଥିଲେ। ମିଶନ ଶକ୍ତି ମହିଳା ଓ ପରିଷଦର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

### ସାଇ ମନ୍ଦିର ପ୍ରତିଷ୍ଠା ପ୍ରସ୍ତୁତି ବୈଠକ

ବରପାଲି,୩।୨(ଡି.ଏନ.ଏ.): ବରପାଲି ସୋହେଲା ରୋଡ୍ କେନାଲ ନିକଟରେ ନିର୍ମାଣାଧୀନ ଶିରିଡି ସାଇ ମନ୍ଦିର ପ୍ରତିଷ୍ଠା ନେଇ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଶିରିଡି ସାଇ ସଂସ୍ଥାନ ଟ୍ରଷ୍ଟର ସୁନୀତା ମୁଣ୍ଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପ୍ରସ୍ତୁତି କମିଟି ଆବାହିକା ମନ୍ତ୍ରୀ ରୀତା ସାହୁ ଉପସ୍ଥିତ ଥିଲେ। ଆସନ୍ତା ୨୭ରୁ ୩୧ ତାରିଖ ପାଞ୍ଚ ଦିନ ଯାଏ ପ୍ରତିଷ୍ଠା ଉତ୍ସବ ହେବ। ପ୍ରାରମ୍ଭରେ ବାଳକିଶୋର ଖାଡଙ୍ଗା ସ୍ୱାଗତ ଭାଷଣ ଓ ଗୋକୁଳାନନ୍ଦ ସ୍ୱାଇଁ ପ୍ରତିଷ୍ଠା କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଥିଲେ । ବୈଠକରେ ବରପାଲିର ବହୁ ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇଥିଲେ।

### ନିଗମାନନ୍ଦ ବିହାର ନାମଯଜ୍ଞ କମିଟି ପୁନର୍ଗଠିତ

ବରଗଡ଼ ଅଫିସ,୩।୩: ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ-୧ ନିଗମାନନ୍ଦ ବିହାର ନାମଯଜ୍ଞ କମିଟି ପୁନର୍ଗଠିତ ହୋଇଛି। ବରିଷ୍ଠ ସଦସ୍ୟ ପ୍ରହ୍ଲାଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କମିଟି ସଭାପତି ଭାବେ ଚନ୍ଦ୍ରଶେଖର କଣ୍ଡ, ଉପସଭାପତି ସନ୍ତୋଷ ପଣ୍ଡା, ସମ୍ପାଦକ ମୃତ୍ୟୁଞ୍ଜୟ ମିଶ୍ର, ସହ ସମ୍ପାଦକ ସୁରେଶ ବାରିକ, କୋଷାଧ୍ୟକ୍ଷ ଭାବେ କୁଞ୍ଜ ବିହାରୀ ଭୋଇଙ୍କୁ ମନୋନିତ କରାଯାଇଛି। ନିଗମାନନ୍ଦ ବିହାର ସଂକୀର୍ତ୍ତନ ପରିଷଦର ଅଧ୍ୟକ୍ଷ ବାଙ୍କବିହାରି ସାହୁ ବିବରଣୀ ଉପସ୍ଥାପନ କରିଥିବା ବେଳେ ଉନ୍ନୟନ କମିଟି ସମ୍ପାଦକ ଟିକେଲାଲ ନାଏକ ନୂତନ କମିଟି ମନୋନୟନ ପ୍ରକ୍ରିୟାକୁ ସଂଯୋଜନା କରିଥିଲେ। ଆସନ୍ତା ୨୫ ତାରିଖରେ ଅଷ୍ଟପ୍ରହର ନାମଯଜ୍ଞ ଆୟୋଜନ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ଏହି ବୈଠକରେ ପଡାର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ଉଲୁଣ୍ଡା କପ୍ କ୍ରିକେଟ: ସେମିରେ ଏମ୍ଏମ୍ସିସି ସମ୍ବଲପୁର

ଉଲୁଣ୍ଡା, ୩।୩ (ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସ୍ପୋର୍ଟସ ଆସୋସିଏଶନ ପକ୍ଷରୁ ଆୟୋଜିତ ୨୯ ତମ ଉଲୁଣ୍ଡା କପର ଶୁକ୍ରବାର ଖେଳରେ ସମ୍ବଲପୁର ଦଳ ୱାଇଏସସିସି ବଲାଙ୍ଗୀର ଦଳକୁ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ବଲାଙ୍ଗୀର ଦଳ ୨୦ ଓଭରରେ ୬ ଉଇକେଟ ହରାଇ ୧୩୨ ରନ କରିଥିଲା। ଦଳର ମୁକ୍ତର ଖାନ ସର୍ବାଧିକ ୩୯ ରନ କରିଥିଲେ। ଜବାବରେ ସମ୍ବଲପୁର ଦଳ ୧୫.୫ ଓଭରରେ ୧୩୩ ରନ କରି ବିଜୟୀ ହୋଇଥିଲା। ରାକେଶ ପଟ୍ଟନାୟକ ସର୍ବାଧିକ ୭୮ ରନ କରିଥିଲେ।

### ୫୮ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଡୁଙ୍ଗୁରିପାଲି, ୩।୩(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସମଲେଇଚୁଆଁ ଉଚ୍ଚ ବିଦ୍ୟାଳୟରେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ପର୍ଶୁରାମ ମେହେର ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରକୁ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୫୮ ଭିନ୍ନକ୍ଷମ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଭୁବନେଶ୍ୱରରୁ ଆସିଥିବା ଆଲିମକୋ ଏବଂ ବୀରମହାରାଜପୁର ପଣ୍ଡାପାଲି ମହାନଦୀ ନେତ୍ର ଚିକିତ୍ସାଳୟ ଡାକ୍ତର ଓ ଚକ୍ଷୁ ଚିକିତ୍ସା ସହାୟକ ସ୍ୱାସ୍ଥ୍ୟ ପରୀକ୍ଷା କରି ହୁଇଲ ଚେୟାର, ଆଶାବାଡି, କୃତ୍ରିମ ଅଙ୍ଗ ଇତ୍ୟାଦି ସହାୟକ ଉପକରଣ ପାଇଁ ଚିହ୍ନଟ କରାଯାଇଥିଲା। ପରବର୍ତ୍ତୀ ସମୟରେ ସେମାନଙ୍କୁ ସମଗ୍ର ଶିକ୍ଷା ସୁବର୍ଣ୍ଣପୁର ତରଫରୁ ଏହା ଯୋଗାଇ ଦିଆଯିବ। ଏହି କାର୍ଯ୍ୟକ୍ରମକୁ ବ୍ଲକ ଗୋଷ୍ଠୀ ସମ୍ବଳ ଶିକ୍ଷକ ମନୋଜ କୁମାର ସାହୁ, ସୀତାରାମ ପଧାନ ପରିଚାଳନା କରିଥିଲେ ।

# ସମବାୟ ବିକାଶ ରଥ ଆଗେଇ ନେବାକୁ ଆହ୍ୱାନ

**ଜିଲାସ୍ତରୀୟ ସମବାୟ ବ୍ୟାଙ୍କିଙ୍ଗ ସେବା ଓ ଋଣ କର୍ମଶାଳା**

ବରଗଡ଼ ଅଫିସ୍,୩।୩



ଜିଲାସ୍ତରୀୟ ସମବାୟ ବ୍ୟାଙ୍କିଙ୍ଗ ସେବା ଏବଂ ଋଣ କର୍ମଶାଳାରେ ମଞ୍ଚାସୀନ ଅତିଥିବୃନ୍ଦ ।

ବରଗଡ଼ ଜିଲାସ୍ତରୀୟ ସମବାୟ ବ୍ୟାଙ୍କିଙ୍ଗ ସେବା ଏବଂ ଋଣ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, ସମବାୟ ଉପନିବନ୍ଧକ ତୃପ୍ତିକଲ୍ୟାଣ ସେଠୀ, ରେଜିଷ୍ଟ୍ରାରଙ୍କ ପ୍ରତିନିଧି ଶିବ ପ୍ରସାଦ ସ୍ୱାଇଁ, ସମ୍ବଲପୁର ଜିଲା ସମବାୟ କେନ୍ଦ୍ର ବ୍ୟାଙ୍କ ପରିଚାଳନା ପରିଷଦ ସଭାପତି ନରେନ୍ଦ୍ର ପ୍ରଧାନ, ବ୍ୟାଙ୍କର ମୁଖ୍ୟ କାର୍ଯ୍ୟ ନିର୍ବାହୀ (ସିଇଓ) ଅମୂଲ୍ୟନନ୍ଦ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ ।

ମୁଖ୍ୟ ଅତିଥି ସାହୁ କହିଥିଲେ, ଚାଷୀଙ୍କ ବିକାଶରେ ସମବାୟ ବ୍ୟାଙ୍କର ପ୍ରମୁଖ ଭୂମିକା ରହିଛି । ମୁଖ୍ୟମନ୍ତ୍ରୀ ସମବାୟ ବ୍ୟାଙ୍କକୁ ଗୁରୁତ୍ୱ ଦେଉଛନ୍ତି ଏବଂ ଏହା ମାଧ୍ୟମରେ ଚାଷୀଙ୍କ ପାଖକୁ ସେବା ପହଞ୍ଚାଇବା ପାଇ ବିଭିନ୍ନ ଯୋଜନା ହାତକୁ ନେଇଛନ୍ତି। ଫଳରେ ଉପଯୁକ୍ତ ସମନ୍ୱୟ ରକ୍ଷା କରି ପ୍ରତ୍ୟେକ ଚାଷୀଙ୍କ ନିକଟକୁ ଯୋଜନା ଉପରେ ବାର୍ତ୍ତା ପହଞ୍ଚାଇବାକୁ ସେ ଆହ୍ୱାନ ଦେଇଥିଲେ। ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବିଧାୟକ ଆଚାର୍ଯ୍ୟ କହିଥିଲେ, ଜିଲାରେ ସୂତାକଳ, ଚିନିକଳ ଭଳି ଅନେକ ସମବାୟ ଅନୁଷ୍ଠାନ ଗଢ଼ି ଉଠିଥିଲା। ମାତ୍ର ପରିଚାଳନାଗତ ତ୍ରୁଟି ଯୋଗୁ ତାହା ବନ୍ଦ ହୋଇପଡ଼ିଛି। ଏହାର ପୁନରୁଦ୍ଧାର ପାଇଁ ସାମୂହିକ ଉଦ୍ୟମ ଲୋଡ଼ା ବୋଲି ସେ କହିଥିଲେ। ବିଧାୟିକା ଛୁରିଆ ବିକାଶଶୀଳ ଅର୍ଥନୀତି ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ୱତନ୍ତ୍ର କୃଷି ବଜେଟକୁ ଦୃଷ୍ଟାନ୍ତ ଦେବା ସହିତ ବ୍ୟାଙ୍କ ତଥା ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ପରିଚାଳନା ପରିଷଦର କାର୍ଯ୍ୟଦକ୍ଷତାରୁ ହିଁ ସମବାୟ ଅନୁଷ୍ଠାନର ବିକାଶ ପ୍ରତିଫଳିତ ହେବ ଏବଂ ଚାଷୀମାନେ ଉପକୃତ ହୋଇପାରିବେ ବୋଲି ସେ କହିଥିଲେ ।

ସମବାୟ ବ୍ୟାଙ୍କ ପ୍ରଥମେ ଚାଷୀଙ୍କୁ ଋଣ ଯୋଗାଇବାରେ ପ୍ରମୁଖ ଭୂମିକା ନେଇଥିଲା। ଫଳରେ ଏହି ବ୍ୟାଙ୍କର ବିକାଶ ପାଇଁ ସବୁସ୍ତରରେ ଉଦ୍ୟମ ଦରକାର ବୋଲି ଅତିରିକ୍ତ ଜିଲାପାଳ ଟପ୍ପୋ କହିଥିଲେ। ବ୍ୟାଙ୍କର ସିଇଓ ମହାନ୍ତି ବିବରଣୀ ପ୍ରଦାନ କରିଥିଲେ। ବ୍ୟାଙ୍କ ପରିଚାଳନା ପରିଷଦ ସଭାପତି ପ୍ରଧାନ ସମସ୍ତଙ୍କ ସହଯୋଗରେ ବ୍ୟାଙ୍କର ବିକାଶ ସମ୍ଭବ ବୋଲି କହିବା ସହିତ ଚାଷୀଙ୍କ ପାଖକୁ ସମବାୟ ବ୍ୟାଙ୍କର ଯୋଜନା ବାର୍ତ୍ତା ପହଞ୍ଚାଇବାକୁ କହିଥିଲେ। ସମବାୟ ଉପନିବନ୍ଧକ ସେଠୀ ଏବଂ ରେଜିଷ୍ଟ୍ରାରଙ୍କ ପ୍ରତିନିଧି ସ୍ୱାଇଁ ବିଭିନ୍ନ ସମବାୟ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ସ୍ୱୟଂ ସହାୟିକା ଗୋଷ୍ଠୀଗୁଡ଼ିକୁ ଋଣ ପ୍ରଦାନ କରାଯାଇଥିଲା। ବ୍ୟାଙ୍କ କର୍ମଚାରୀ, ଡାଇରେକ୍ଟର, ପ୍ୟାକ୍ସର ସମସ୍ତ ସଭାପତି, ସମ୍ପାଦକ, କର୍ମଚାରୀ ସହଯୋଗ କରିଥିଲେ।

# ରିଂରୋଡ୍‌କୁ ମିଳିଲା ସଂଶୋଧିତ ପ୍ରଶାସନିକ ମଞ୍ଜୁରୀ

ବରଗଡ଼ ଅଫିସ,୩।୩

**୨୦୨୩-୨୪ ଆର୍ଥିକ ବର୍ଷରେ ବ୍ୟୟ ହେବ ୩୮.୫୫ କୋଟି**

ବରଗଡ଼ ଜିରା ନଦୀ କୂଳ ବାମପାର୍ଶ୍ୱରେ ଥିବା ସିରିଡି ସାଇ ମନ୍ଦିରରୁ ରୁହୁଣିଆ ଗ୍ରାମ ପର୍ଯ୍ୟନ୍ତ ରିଂରୋଡ୍‌ର ସଂଶୋଧିତ ପ୍ରସ୍ତାବକୁ ପ୍ରଶାସନିକ ମଞ୍ଜୁରୀ ମିଳିଛି। ଏହାସହିତ ୨୦୨୩-୨୪ ଆର୍ଥିକ ବର୍ଷରେ ଏଥିପାଇଁ ୩୮କୋଟି ୫୫ଲକ୍ଷ ଟଙ୍କା ବ୍ୟୟ ଅଟକଳ ଧାର୍ଯ୍ୟ କରାଯାଇଛି। ଏ ନେଇ ରାଜ୍ୟ ସରକାରଙ୍କ ତରଫରୁ ଜଳ ସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ସୂଚନା ପ୍ରଦାନ କରାଯାଇଛି। ବରଗଡ଼ ସହର ପାର୍ଶ୍ୱ ଜିରା ନଦୀ କୂଳରେ ଏକ ରିଂରୋଡ୍ ନିର୍ମାଣ ପାଇଁ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ଦ୍ୱାରା ଏକ ପ୍ରସ୍ତାବ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଥିଲା। ରାଜ୍ୟ ସରକାର ବରଗଡ଼ ସହର ପାଇଁ ଆବଶ୍ୟକ ଥିବା ଏହି ରିଂରୋଡ୍ ପ୍ରକଳ୍ପକୁ ସଂଶୋଧିତ ପ୍ରଶାସନିକ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହି ପ୍ରସ୍ତାବକୁ ପ୍ରଶାସନିକ ମଞ୍ଜୁରୀ ମିଳିଥିବାରୁ ବିଧାୟକ ଆଚାର୍ଯ୍ୟ ବରଗଡବାସୀଙ୍କ ତରଫରୁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେହିପରି ରିଂରୋଡ୍ ନିର୍ମାଣ ସମ୍ପୂର୍ଣ୍ଣ ହେଲେ ଜନସାଧାରଣଙ୍କ ଦୀର୍ଘଦିନର ଦାବି ଓ ଆଶା ପୂରଣ ହେବ ବୋଲି ବିଧାୟକ ଆଚାର୍ଯ୍ୟ କହିଛନ୍ତି ।

# ଜାତୀୟ ସୁରକ୍ଷା ସପ୍ତାହରେ ରକ୍ତଦାନ ଶିବିର



ଶିବିରରେ ଆୟୋଜକଙ୍କ ଗହଣରେ ରକ୍ତଦାତାବୃନ୍ଦ।

ଭେଡେନ, ୩।୩(ଡିଏନଏ)

ଜାତୀୟ ସୁରକ୍ଷା ସପ୍ତାହ ଅବସରରେ ଶୁକ୍ରବାର ବରଗଡ଼ ଜିଲା ଭେଡେନ ବ୍ଲକ ଅନ୍ତର୍ଗତ ମହୁଲପାଲିର ଆର୍‌ଡବ୍ଲ୍ୟୁଏସ୍ଏସ୍ ପ୍ରୋଜେକ୍ଟ ପରିସରରେ କେ. ଇ. ସି ଇଣ୍ଟରନ୍ୟାଶନାଲ ଲିମିଟେଡ ଓ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ବରଗଡ଼ ରକ୍ତ ଭଣ୍ଡାର ଦ୍ୱାରା ମୋଟ ୨୬ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ରକ୍ତଦାନ ଶିବିର ଆୟୋଜନ କରିଥିବାରୁ କେ.ଇ.ସି ଇଣ୍ଟରନ୍ୟାଶନାଲ ଲିମିଟେଡକୁ ନିଷ୍ଠା ପରିବାର ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। କେ.ଇ.ସି ଇଣ୍ଟରନ୍ୟାଶନାଲ ଲିମିଟେଡର ପ୍ରୋଜେକ୍ଟ ହେଡ୍ ଆର୍. ବିଜୟ, ଅଲେଖ ସ୍ୱାଇଁ, ନିଷ୍ଠା ପରିବାରର ସମସ୍ତ ସଦସ୍ୟା ସଦସ୍ୟ ଉପସ୍ଥିତ ଥିଲେ।

# ୫ରେ ମୁଖ୍ୟମନ୍ତ୍ରୀଙ୍କ ବରଗଡ଼ ଗସ୍ତ

ବରଗଡ଼ ଅଫିସ୍,୩।୩

ଆସନ୍ତା ୫ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବରଗଡ଼ ଗସ୍ତ କାର୍ଯ୍ୟକ୍ରମ ରହିଛି। ସରକାରୀ ଭାବେ ଦିଆଯାଇଥିବା ସୂଚନା ଅନୁଯାୟୀ, ସେହିଦିନ ପୂର୍ବାହ୍ଣ ୯ଟା ୪୦ମିନିଟ୍‌ରେ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟରୁ ବି-୨୦୦ ଭିଟି-ଜେପିଭି ଏୟାରକ୍ରାଫ୍ଟ ଯୋଗେ ବାହାରି ଦିନ ୧୦ଟା ୩୦ମିନିଟରେ ବରଗଡ଼ ଜିଲା ପଦ୍ମପୁର ନିକଟ ସତୀଭଟା ଏୟାରଷ୍ଟ୍ରିପରେ ପହଞ୍ଚିବେ। ସେଠାରୁ ଏକ ହେଲିକ୍ୟାପ୍ଟର ଯୋଗେ ଦିନ ୧୦ଟା ୪୦ମିନିଟରେ ବାହାରି ୧୦ଟା ୫୫ମିନିଟରେ ସୋହେଲା ବ୍ଲକ ହଳଦୀପାଲିର ଅସ୍ଥାୟୀ ହେଲିପ୍ୟାଡ଼ରେ ଓହ୍ଲାଇ କାର୍ଯ୍ୟକ୍ରମସ୍ଥଳକୁ ଯିବେ ଏବଂ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ସହିତ ଉପସ୍ଥିତ ଜନତାଙ୍କୁ ଉଦ୍‌ବୋଧନ ଦେବେ। ସେଠାରେ କାର୍ଯ୍ୟକ୍ରମ ସରିବା ପରେ ମୁଖ୍ୟମନ୍ତ୍ରୀ ଦିନ ୧୧ଟା ୪୦ମିନିଟରେ ବିଜୁ ଏକ୍ସପ୍ରେସ ୱେରେ ଦୀର୍ଘ ୧୧ କି.ମି. ରୋଡ୍ ଶୋରେ ଯିବେ ଏବଂ ବାଟରେ ରାସ୍ତା ପାର୍ଶ୍ୱସ୍ଥ ଛୁରିଆପାଲି ନିକଟ ଯାଯାବର ଆଶ୍ରୟସ୍ଥଳୀ, ପେଟୁପାଲି (ଭାଟେନଡୁଙ୍ଗୁରି)ର ଶହୀଦ କୁଞ୍ଜେଲ ସିଂ ଶିଶୁପାର୍କ ଏବଂ ଘେଁସ ସ୍ଥିତ ମାଧୋ ସିଂ ପ୍ରତିମୂର୍ତ୍ତି ପରିସରରେ ସ୍ୱଳ୍ପ ରହଣୀ ସହିତ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ସେ ଘେଁସ ହାଇସ୍କୁଲ ପଡ଼ିଆ ଅସ୍ଥାୟୀ ହେଲିପ୍ୟାଡରୁ ଦିନ ୧୨ଟା ୪୦ମିନିଟ୍‌ରେ ହେଲିକ୍ୟାପ୍ଟରରେ ନୂଆପଡ଼ା ଜିଲା ଗସ୍ତ କରିବେ ବୋଲି ସୂଚନା ଦିଆଯାଇଛି। ପ୍ରକାଶଥାଉକି, ଗତ ଫେବୃୟାରୀ ୧୮ତାରିଖରେ ମୁଖ୍ୟମନ୍ତ୍ରୀ ବରଗଡ଼ ଜିଲା ପଦ୍ମପୁର ନିର୍ବାଚନ ମଣ୍ଡଳୀର ଝାରବନ୍ଧ, ପାଇକମାଳ ଏବଂ ପଦ୍ମପୁରକୁ ଆସିଥିଲେ ।

# ବକେୟା ଦେୟ ନ ଦେଲେ ଦୋକାନ ସିଲ୍

ବରଗଡ଼ ଅଫିସ୍,୩।୩

ବକେୟା ଦେୟ ଅସୁଲି ପାଇଁ ବରଗଡ଼ ପୌର ପ୍ରଶାସନ ତତ୍ପର ହୋଇଉଠିଛି। ବାରମ୍ବାର ସୂଚନା ଦେବା ସତ୍ତ୍ୱେ ଯେଉଁ ଦୋକାନୀମାନେ ପୌର ପ୍ରଶାସନକୁ ବକେୟା ଦେୟ ପଇଠ କରୁନାହାନ୍ତି, ସେହି ଦୋକାନଗୁଡ଼ିକୁ ସିଲ୍ କରାଯାଉଛି। ପୌର ପ୍ରଶାସନର ଏଭଳି ଅଭିଯାନ ପରେ ବକେୟା ଦେୟ ଦେଇ ନ ଥିବା ଦୋକାନୀମାନେ ଚିନ୍ତାରେ ପଡ଼ିଛନ୍ତି। ଶୁକ୍ରବାର ପୌର ପ୍ରଶାସନର ଏକ ଟିମ୍ ଏହି ଅଭିଯାନରେ ବାହାରିଥିଲେ। ଦୋକାନ ସିଲ୍ କରୁଥିବା ଜାଣିବା ପରେ କିଛି ବ୍ୟବସାୟୀ ଦୋକାନ ବନ୍ଦ କରି ଚାଲିଯାଉଥିବା ଦେଖିବାକୁ ମିଳିଥିଲା। ପୌର ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା, ପୌର ପରିଷଦର ଲାଇସେନ୍ସ ଇନ୍ସପେକ୍ଟର ଚିତ୍ତରଞ୍ଜନ ମହାପାତ୍ର ପ୍ରମୁଖଙ୍କ ନେତୃତ୍ୱରେ ଏହି ଅଭିଯାନ ଚାଲିଛି।

# ପୁସ୍ତକ ପଠନ ଜୀବନର ଚଲାପଥକୁ ସୁଗମ କରେ




ପିଲାଙ୍କ ପାଖରେ ପାଠାଗାର କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ବରଗଡ଼ ଅଫିସ, ୩।୩

ପିଲାଙ୍କ ପାଖରେ ପାଠାଗାର ପହଞ୍ଚାଇବାର ପ୍ରୟାସ ଜାରି ରଖିଥିବା ବରଗଡ଼ର ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର ସ୍ଥାନୀୟ ସରସରା ଉଚ୍ଚବିଦ୍ୟାଳୟ ପରିସରରେ ‘ପିଲାଙ୍କ ପାଖରେ ପାଠାଗାର’ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ପାଠାଗାର ସଂଯୋଜକ ଶିଶୁ ସାହିତ୍ୟିକ ଡଃ ରବିନାରାୟଣ ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବଳରାମ ପ୍ରଧାନ ମୁଖ୍ୟ ଅତିଥି ଓ ସରସରା ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଗୋପାଳକୃଷ୍ଣ ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ପୁସ୍ତକ ଜୀବନର ସବୁପ୍ରକାର ସମସ୍ୟା ଦୂର କରିବା ସହ ଚଲାପଥକୁ ସୁଗମ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରବୋଧ କୁମାର ଦାଶ ଓ ଶିକ୍ଷକ ପ୍ରଦେଶୀ ବାରିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମୂଲ୍ୟବାନ ଛାତ୍ର ଜୀବନରେ ପାଠ୍ୟପୁସ୍ତକ ବ୍ୟତୀତ ଉତ୍ତମ ପୁସ୍ତକ ଚୟନ କରି ପଢିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଅମୀୟ କୁମାର ଭୋଇ, ରମେଶ କୁମାର ପଣ୍ଡା, ସତ୍ୟ ପ୍ରକାଶ ସାହୁ ଓ ଭରତ ଦଣ୍ଡସେନା ପ୍ରମୁଖ ପୁସ୍ତକ ପଠନର ଉପାଦେୟତା ବିଷୟରେ ବୁଝାଇଥିଲେ। ପୁସ୍ତକ ପଠନ କାର୍ଯ୍ୟକ୍ରମରେ ଭାଗ ନେଇ ପଠିତ ପୁସ୍ତକ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିବା ଛାତ୍ରୀଛାତ୍ରମାନଙ୍କ ମଧ୍ୟରୁ ଶୀତଳ ଭୋଇ, ଆର୍ଯ୍ୟନ ନାଗ ଓ ରୋଶନୀ ପ୍ରଧାନ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନଅଧିକାରକରିପୁରସ୍କୃତହୋଇଥିଲେ।

# ସଡ଼କ ସୁରକ୍ଷା ପାଇଁ ଶପଥ ନେଲେ ଗାଡ଼ିଚାଳକ

ପାଇକମାଳ,୩।୩(ଡି.ଏନ.ଏ.)

ବରଗଡ ଜିଲା ପାଇକମାଳ ବ୍ଲକ ବରତୁଣ୍ଡା ସୁରୁଙ୍ଗିଦାଦର ସ୍ଥିତ ମାସ୍ କାର୍ଯ୍ୟାଳୟ ପରିସରରେ ସଡ଼କ ସୁରକ୍ଷା ଉପରେ ଡ୍ରାଇଭରମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଂଯୋଜକ ଆଦିକନ୍ଦ ବିଶ୍ୱାଳ ସଭାପତିତ୍ୱ କରିବା ସହ ସଡ଼କ ସୁରକ୍ଷାର ନୀତିନିୟମ ଉପରେ ବୁଝାଇଥିଲେ। ରେବତୀ ରାଉତ ଅତିଥି ପରିଚୟ ପ୍ରଦାନ ସହ ସଡ଼କ ସୁରକ୍ଷା ନେଇ ସଚେତନତା ବାର୍ତ୍ତା ଦେଇଥିଲେ। ଆଇନଜୀବୀ ମନୋଜ ତ୍ରିବେଦୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟ୍ରାଫିକ ନିୟମ ଭାଙ୍ଗିଲେ ଦଣ୍ଡ ବିଧାନ ଉପରେ ଆଲୋଚନା କରିଥିଲେ। ଖବରଦାତା ସୁରଥ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମସ୍ତ ଡ୍ରାଇଭରଙ୍କୁ ସଡ଼କ ସୁରକ୍ଷା ଉପରେ ଶପଥ ପାଠ କରାଇଥିଲେ। ଅନୁଷ୍ଠାନର ସଦସ୍ୟ ଦୁର୍ଯ୍ୟୋଧନ ବିଶି ଧନ୍ୟବାଦ ଅର୍ପଣ କରିଥିଲେ।

# କହ୍ନେଇପାଲିରେ ନାମଯଜ୍ଞ ଉଦ୍‌ଯାପିତ



ନାମଯଜ୍ଞରେ ପୂଜାର୍ଚ୍ଚନା ଚାଲିଛି।

ଅମ୍ବାଭୋନା,୩।୩(ଡି.ଏନ.ଏ.)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ କହ୍ନେଇପାଲି ଗ୍ରାମରେ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗତ ଫେବୃଆରୀ ୨୮ରେ ନାମଯଜ୍ଞ ଆରମ୍ଭ ହୋଇ ମାର୍ଚ୍ଚ ୨ରେ ପୂର୍ଣ୍ଣାହୁତି ହୋଇଥିଲା। ପଣ୍ଡିତ ଗୁଣନିଧି ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଯଜ୍ଞରେ ଗ୍ରାମର ଅଭୟ ପ୍ରଧାନ ସପତ୍ନୀକ ଯଜ୍ଞ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିବା ବେଳେ ଗ୍ରାମବାସୀ ସହଯୋଗ କରିଥିଲେ। ଏହି ଅବସରରେ ଆଖପାଖ ଅଞ୍ଚଳର ୧୮ଟି ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରି ନାମ କୀର୍ତ୍ତନ ସହ ନଗର ଭ୍ରମଣ କରିଥିଲେ। ଭଟଲି ବିଧାୟକ ସୁଶାନ୍ତ ସିଂ ମୁଖ୍ୟ ଅତିଥି, ସରପଞ୍ଚ ଗୁଲାପୀ ଦାଶ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ନରେନ୍ଦ୍ର ପ୍ରଧାନ, ସୁବଳ ରଣା, ଠାକୁର ପ୍ରଧାନ, ତୀର୍ଥ ପ୍ରଧାନ, ରାଜାରାମ ବହିଦାର, ନେପାଳ ପ୍ରଧାନ, ମହେନ୍ଦ୍ର ପ୍ରଧାନ, ହରି ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଶକୁନ୍ତଳା ବିଦ୍ୟାଧର ହାଇସ୍କୁଲର ବାର୍ଷିକ କ୍ରୀଡ଼ା

ବରଗଡ଼ ଅଫିସ,୩।୩

ବରଗଡ଼ ଜିଲା ମୁଲବାରସ୍ଥିତ ଶକୁନ୍ତଳା ବିଦ୍ୟାଧର ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଘନଶ୍ୟାମ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅନ୍ତର୍ଜାତୀୟ କ୍ରୀଡ଼ାବିତ୍ ସନ୍ତୋଷ କୁମାର ପଧାନ ମୁଖ୍ୟ ଅତିଥି, ପୂର୍ବତନ ପ୍ରଧାନ ଶିକ୍ଷକ ରବି ନାରାୟଣ ଭୋଇ ମୁଖ୍ୟ ବକ୍ତା, ଶିକ୍ଷାପ୍ରେମୀ ରାଇଜ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ୪୨ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ କୃତୀ ଛାତ୍ରୀ ଜୟନ୍ତୀ ହେମ୍ବ୍ରମ ଏବଂ ଛାତ୍ର ଶ୍ରନ ମିର୍ଦ୍ଧାଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ। କ୍ରୀଡ଼ା ଶିକ୍ଷକ ଶ୍ରୀବାସ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ବାର୍ଷିକ କ୍ରୀଡ଼ା ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

# ଆତ୍ମନିଯୁକ୍ତି ପ୍ରଶିକ୍ଷଣ ନେବେ ୪୦ ଯୁବତୀଯୁବକ

ବରଗଡ଼ ଅଫିସ,୩।୩




ଆତ୍ମନିଯୁକ୍ତି କର୍ମଶାଳାରେ ଅତିଥିବୃନ୍ଦ ।

ବରଗଡ଼ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ସୋହେଲା ବ୍ଲକ ଝର ଗ୍ରାମ ସ୍ଥିତ ରାଜୀବ ଭବନରେ ଏକ ନିଯୁକ୍ତିଭିତ୍ତିକ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଅଶୋକ ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କର୍ମଶାଳାରେ ୫ଗ୍ରାମର ୧୮ ବର୍ଷରୁ ୩୫ ବର୍ଷ ପର୍ଯ୍ୟନ୍ତ ଯୁବତୀଯୁବକ ଯୋଗଦେଇ ନାମ ପଞ୍ଜୀକରଣ କରିଥିଲେ। ସୋହେଲା ବ୍ଲକ ସଂଯୋଜକ ସଞ୍ଜୀବ ପ୍ରଧାନ, ଷ୍ଟେଟ ବ୍ୟାଙ୍କ ନିର୍ଦ୍ଦେଶକ ଡି. ଭୋସାଗର, ଗୋପାଳ ଜେନା, ଝସକେତନ ମେହେର, ଲୋକେଶ ଖମାରୀ ପ୍ରଶିକ୍ଷକ ଭାବେ ଯୋଗଦାନ କରିଥିଲେ। ବର୍ତ୍ତମାନ ଯୁଗରେ ଯୁବଗୋଷ୍ଠୀ ଚାକିରି ପଛରେ ନ ଗୋଡ଼ାଇ କିପରି ଦକ୍ଷତା ବିକାଶ ଶିକ୍ଷା ଗ୍ରହଣ କରି ଆତ୍ମନିର୍ଭରଶୀଳ ହୋଇପାରିବେ, ସେ ନେଇ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଏହି କର୍ମଶାଳାରେ ପ୍ରାୟ ୪୦ ଜଣ ପ୍ରଶିକ୍ଷଣ ନେବା ପାଇଁ ନାମ ପଞ୍ଜୀକରଣ କରିଥିଲେ। ସମସ୍ତ କାର୍ଯକ୍ରମକୁ ଜିଲା ଯୁବ ଅଧିକାରୀ ରୋଶନ ଟଣ୍ଡନ ସଂଯୋଜନା କରିଥିଲେ। ଉପଦେଷ୍ଟା କମିଟି ସଭ୍ୟ ତ୍ରିଲୋଚନ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନିଲ ସାହୁ ଏବଂ ଅନ୍ୟମାନେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଭାଜପାର ବୁଥ୍ ସଶକ୍ତୀକରଣ ଅଭିଯାନ

ସୁନ୍ଦରଗଡ, ୩।୩(ଡି.ଏନ.ଏ.): ଭାଜପାର ବିଧାନସଭାସ୍ତରୀୟ ବୁଥ ସଶକ୍ତିକରଣ ଅଭିଯାନ ଆରମ୍ଭ ହୋଇଛି। ଶୁକ୍ରବାର ସୁନ୍ଦରଗଡ ଭାଜପା ସାଙ୍ଗଠନିକ ଜିଲା ସଭାପତି ତଥା ତଳସରା ବିଧାୟକ ଭବାନୀ ଶଙ୍କର ଭୋଇଙ୍କ ଅଧକ୍ଷତାରେ ସୁନ୍ଦରଗଡ ନିର୍ବାଚନ ମଣ୍ଡଳୀ ଜିଲା କାର୍ଯ୍ୟାଳୟ ଭୋଜପୁର ଠାରେ ବିଧାନସଭାସ୍ତରୀୟ ବୁଥ ସଶକ୍ତିକରଣ ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବିଧାୟିକା କୁସୁମ ଟେଟେ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଟକିଶୋର ମିଶ୍ର, ଜିଲା ସାଧାରଣ ସମ୍ପାଦକ ଯଶୋବନ୍ତ ନାଏକ, ଅମୀର ନାଏକ ଯୋଗଦେଇଥିଲେ। ଏହି ବୈଠକକୁ ଜିଲା ସାଧାରଣ ସମ୍ପାଦକ ସୁଖଲାଲ ମୁଣ୍ଡା ପରିଚାଳନା କରିଥିଲେ। ଏମ୍‌ପି ଓରାମ ୨୦୨୪ ସାଧାରଣ ନିର୍ବାଚନ ପାଇଁ ପଞ୍ଚାୟତ ଏବଂ ବୁଥ୍‌ସ୍ତରରେ ଦଳର ସଙ୍ଗଠନ କିଭଳି ମଜଭୁତ ହେବ ତାହା ଉପରେ କାର୍ଯ୍ୟକର୍ତ୍ତାଙ୍କୁ ମାର୍ଗଦର୍ଶନ କରିଥିଲେ। ଜିଲା ସଭାପତି ଭୋଇ, ସୁନ୍ଦରଗଡ ବିଧାୟିକା ଟେଟେ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମିଶ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟକାଳ ସମୟରେ ହୋଇଥିବା ବିଭିନ୍ନ ଗରିବ ଜନକଲ୍ୟାଣକାରୀ ଯୋଜନାର ସୁଫଳ ଏବଂ ରାଜ୍ୟର ବିଜେଡି ସରକାରର ଜନବିରୋଧୀ ନୀତିକୁ ପ୍ରତି ବୁଥସ୍ତରରେ ପହଞ୍ଚାଇବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ବୈଠକରେ ସୁନ୍ଦରଗଡ଼ ନିର୍ବାଚନ ମଣ୍ଡଳୀର ସମସ୍ତ ଜିଲା ପଦାଧିକାରୀ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ, ଜିଲା ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ, ଜିଲା ମୋର୍ଚ୍ଚା ସଭାପତି, କାଉନସିଲର, ବିଧାନସଭା ପ୍ରଭାରୀ, ଜାତୀୟ ଓ ରାଜ୍ୟ ମୋର୍ଚ୍ଚା ସଂଯୋଜକ ମଣ୍ଡଳ ସଭାପତି, ମଣ୍ଡଳ କାର୍ଯ୍ୟକାରୀ ସଭାପତି, ମଣ୍ଡଳ ପ୍ରଭାରୀ, ଶକ୍ତିକେନ୍ଦ୍ର ଓ ପ୍ରଭାରୀ ପ୍ରମୁଖ ସାମିଲ ହୋଇଥିଲେ।

# ଲୋକଙ୍କୁ ଭୁଆଁ ବୁଲାଉଛି ପ୍ରଶାସନ

ଦେବଗଡ଼, ୩।୩(ଡି.ଏନ.ଏ)

ଦେବଗଡ଼ ସହରସ୍ଥିତ କଲେଜ ରୋଡ ଶନି ମନ୍ଦିର ନିକଟ ଷୋହଳ ବଖରି କଟା (ପୋଖରୀ) ଉନ୍ନତିକରଣ କରାଯାଉଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ପୋଖରୀ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ହେଲେ ଜବରଦଖଲ ଉଚ୍ଛେଦ ହେଉନାହିଁ। ବିଭିନ୍ନ ଆଳ ଦେଖାଇ ଜବରଦଖଲ ଉଚ୍ଛେଦ କରାଯାଉନାହିଁ। ଗୁରୁବାର ଜବରଦଖଲ ଉଚ୍ଛେଦ କରିବାକୁ ପ୍ରଶାସନ, ପୋଲିସ, ମାଜିଷ୍ଟ୍ରେଟ ଉପସ୍ଥିତ ରହିଥିଲେ। ହେଲେ ଜେଶିବି ନ ମିଳିବାରୁ ଏହା ହୋଇପାରିଲା ନାହିଁ। ଜେଶିବି ନ ମିଳିବା ବାହାନା କରି ପ୍ରଶାସନ ଜନସାଧାରଣଙ୍କୁ ଭୁଆଁ ବୁଲାଉଛି ବୋଲି କୁହାଯାଉଛି। ଜବରଦଖଲ ଚିହ୍ନଟ କରିବା ମାସେ ପୂରିଲା ହେଲେ କୌଣସି ପଦକ୍ଷେପ ନାହିଁ। ଫଳରେ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ଜଣାପଡ଼ିଛି। ୩୧ ଜାନୁୟାରୀରେ ଦେବଗଡ଼ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ନିଜେ ପୋଖରୀ ଚାରିପଟେ ବୁଲି ଉନ୍ନତିକରଣ କାର୍ଯ୍ୟକୁ ତଦାରଖ କରିବା ସହିତ ଉକ୍ତ କାମକୁ ଶୀଘ୍ର ସାରିବା ପାଇଁ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଦେବରାଜ ହେମ୍ବ୍ରମ ଓ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଏଥିପ୍ରତି ପ୍ରଶାସନ ତତ୍ପରତା ଦେଖାଇ ଶୁକ୍ରବାର ୩ ଫେବୃଆରୀ ଚିହ୍ନଟ କରିବା ପାଇଁ ତହସିଲଦାର ଏଜଲିନ ବାରା, ପୌର ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ର, ଦେବଗଡ଼ ଆରଆଇ ସଞ୍ଜିତ ବେହେରା, ବିଭାଗୀୟ ଏସଡିଓ ଚିତ୍ତରଞ୍ଜନ ନାଏକ, ସ୍ଥାନୀୟ ବୁଦ୍ଧିଜିବୀ ଓ ପ୍ରଶାସନ ଅଧିକାରୀ ପ୍ରମୁଖ ପହଞ୍ଚି ଚିହ୍ନଟ



ପୋଖରୀ ଜବରଦଖଲ କରାଯାଇଛି।



ତପନ ମହାପାତ୍ର



ଦୟାଶଙ୍କର ଦିବେଦୀ



ଧର୍ମେନ୍ଦ୍ର ଦେବତା



ସୁଧୀର କପରଦାର

ପ୍ରକ୍ରିୟା ଆରମ୍ଭ କରିଥିଲେ। କିନ୍ତୁ ପରେ ସ୍ଥାନୀୟ ଲୋକେ କିଛି ପ୍ରଭାବଶାଳୀ ନେତାଙ୍କୁ ଧରି ଜିଲା ପ୍ରଶାସନଙ୍କୁ ଭେଟ କରି ଉଛେଦ ପ୍ରକ୍ରିୟାକୁ ବନ୍ଦ କରିବା ପାଇଁ ପ୍ରୟାସ କରୁଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ ଉକ୍ତ କଟାର କିଛି ଏରିଆ ସ୍ଥାନୀୟ ଲୋକେ ଜବରଦଖଲ କରିଛନ୍ତି। ପୂର୍ବତନ ପୌରାଧକ୍ଷାଙ୍କ ସମତେ ସ୍ଥାନୀୟ ଲୋକେ ପାଖାପାଖି ୨ରୁ ଉର୍ଦ୍ଧ୍ୱ ଏକର ଜବରଦଖଲ କରିଥିବାବେଳେ ଘର, ବଗିଚା, ପାଇଖାନା ଘର କରି ଦେଇଥିବା ଦେଖିବାକୁ ମିଳିଛି। ପାଇଖାନା ଟାଙ୍କି ପାଣି ଉକ୍ତ କଟାରେ ଛାଡି ଦେଉଥିବାରୁ ଉକ୍ତ ରାସ୍ତାରେ ଦୁର୍ଗନ୍ଧରେ ଫାଟି ଯାଉଛି। ଫଳରେ ଯାତାୟାତ କରୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖବର ମୁତାବକ ଉକ୍ତ ଜବରଦଖଲ ପୋଖରୀ ଜମିର ମୂଲ୍ୟ ଆନୁମାନିକ ୫ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି। ଅନ୍ୟପକ୍ଷରେ ଆଗାମୀ ଦିନରେ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରା ନ ଯାଏ ତାହା ହେଲେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ସଜବାଜ ହେଉଥିବା ଜଣାପଡ଼ିଛି। ସୂଚନା ଥାଉ କି ସହର ମଧ୍ୟସ୍ଥଳୀରେ ଥିବା ଏହି କଟା ପୂର୍ବରୁ ଜଳସ୍ରୋତ ପ୍ରଚୁର ଥିବାରୁ ଆଖପାଖ ସାହି ବାସିନ୍ଦା କେବେବି ପାଣିର ଅସୁବିଧା ହେଉ ଥିଲା କିନ୍ତୁ ଦୀଘ ବର୍ଷ ହେବ ଏହି କଟା ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି। ଫଳରେ ସ୍ଥାନୀୟ ବାସିନ୍ଦା ଖରା ମାସରେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ଜବରଦଖଲ କରିଥିବା ଲୋକଙ୍କ ପାଇଁ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ଦାବି ହେଉଛି।

ଏନେଇ ପୌରପରିଷଦ ଅଧିକାରୀ ତପନ କୁମାର ମହାପାତ୍ର କହନ୍ତି, ଜବରଦଖଲ କରିଥିବା ଲୋକେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଆସି ୩୦ ଦିନ ସମୟ ମାଗିଥିଲେ। କିନ୍ତୁ ପ୍ରଶାସନ ପକ୍ଷରୁ ୧୫ ଦିନ ସମୟ ଦିଆଯାଇଥିଲା। ସମୟ ସରି ଯାଇଛି। ମଙ୍ଗଳବାର ଉଚ୍ଛେଦ କରିବା କଥା ତହସିଲଦାର ନ ଥିଲେ ବୋଲି କରାଯାଇନାହିଁ। ଗୁରୁବାର ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯିବାର ଥିଲା। ହେଲେ ଜେଶିବି ମିଳିଲା ନାହିଁ ବୋଲି କହିଥିଲେ। ୬ ନମ୍ବର ୱାର୍ଡର କାଉନସିଲର ଧର୍ମେନ୍ଦ୍ର କୁମାର ଦେବତା କହିଥିଲେ, ପ୍ରଶାସନ ଦେଖେଇ ହେଇ କି ଚିରନିଦ୍ରାରେ ଶୋଇପଡିବ। ଯେହେତୁ ଉପରୁ ଚାପ ଥିବ। ଯେଉଁଠି ପ୍ରଗତି ବିକାଶ ଉନ୍ନତି କଥା ଉଠିବ ସେଠି ମୋର ଲୋକ ମୋର କର୍ମୀ ମୋର ଚିହ୍ନା ପରିଚିତ ସଂକୀର୍ଣ୍ଣ ମନୋଭାବ ଛାଡି ଉନ୍ନତି ପାଇଁ କାମ କରିବାକୁ ହେବ। ଜିଲା ନାଗରିକ କମିଟି ପୂର୍ବତନ ସମ୍ପାଦକ ସୁଧୀର କୁମାର କପରଦାର କହିଥିଲେ, ଷୋହଳବଖରୀ କଟାର ପୂର୍ବ ପାର୍ଶ୍ୱରେ ଥିବା ମୂଲ୍ୟବାନ ସରକାରୀ ଜମିଗୁଡିକ ଜବରଦଖଲ ମୁକ୍ତ କରା ନ ଯିବା ପ୍ରଶାସନର ଦୁର୍ବଳତା ତଥା ଜମି ଜବରଦଖଲକାରୀଙ୍କ ସହିତ ଭିତିରି ସମ୍ପର୍କ ଥିବା ସନ୍ଦେହ ସୃଷ୍ଟି ହେଉଛି। ଜବରଦଖଲ ମୁକ୍ତ କରାଯାଇ ସରକାରୀ ଜମିକୁ ଜନସାଧାରଣଙ୍କ ହିତ ପାଇଁ ଉପଯୋଗ କରାଯାଉ। ଯୁବ ନେତା ଦୟା ଶଙ୍କର ଦିବେଦୀ କହିଥିଲେ, ସହର ମଧ୍ୟରେ ଥିବା ପୋଖରୀ ଉନ୍ନତିକରଣ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହା ସହରର ସୌନ୍ଦର୍ଯ୍ୟକରଣକୁ ଦ୍ୱିଗୁଣିତ କରିବ। କିନ୍ତୁ ପ୍ରଶାସନ କାହା ଚାପରେ ଉଚ୍ଛେଦ କରୁନାହାନ୍ତି। ତରନ୍ତ ପୋଖରୀର ପୂର୍ଣାଙ୍ଗ ଉନ୍ନତିକରଣ ପାଇଁ ପଦକ୍ଷେପ ନେବା ଜରୁରୀ।

**ଷୋହଳ ବଖରି ପୋଖରୀ ଜବରଦଖଲ ଉଚ୍ଛେଦ ଘଟଣା**

- ଜେସିବି ନ ମିଳିବାରୁ ହୋଇପାରିଲା ନାହିଁ ଉଚ୍ଛେଦ
- ଚିହ୍ନଟ କରିବା ମାସେ ପୂରିଲା, କୌଣସି ପଦକ୍ଷେପ ନାହିଁ
- ସହରବାସୀଙ୍କ ଅସନ୍ତୋଷ, ଆନ୍ଦୋଳନ ପାଇଁ ସଜବାଜ

### ଭାଜପା ପକ୍ଷରୁ ଥାନାରେ ଏତଲା



ଦେବଗଡ଼, ୩।୩(ଡି.ଏନ୍.ଏ.)

ବିକ୍ଷୋଭ ବେଳେ ପୋଲିସ ଭାଜପା ଯୁବ ମୋର୍ଚ୍ଚା କର୍ମକର୍ତ୍ତାଙ୍କୁ ମାଡ଼ ମାରିବା ଘଟଣା ନେଇ ଦେବଗଡ଼ ଭାଜପା ପକ୍ଷରୁ ଦେବଗଡ଼ ଆଦର୍ଶ ଥାନାରେ ଏତଲା ଦେଲେ କର୍ମକର୍ତ୍ତା। ଏଥି ସହିତ ଜିଲାର ସମସ୍ତ ଥାନାରେ ଏତଲା ଦେଇଛନ୍ତି। ନବ ଦାସ ହତ୍ୟାକାଣ୍ଡ, ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ନେଇ ଭୁବନେଶ୍ୱର ଲୟର ପିଏମଜିଠାରେ ରାଜ୍ୟ ଯୁବ ମୋର୍ଚ୍ଚା ଶାନ୍ତିପୂର୍ଣ୍ଣ ବିକ୍ଷୋଭ କରିଥିଲା। ମାତ୍ର ପୋଲିସ ଶାସକ ଦଳର ଗୁଣ୍ଡା ଭଳି ଭାଜପା ଯୁବ ମୋର୍ଚ୍ଚାର କର୍ମକର୍ତ୍ତାଙ୍କୁ ଆକ୍ରମଣ କରିଥିଲା। ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ଶୁକ୍ରବାର ରାଜ୍ୟର ସମସ୍ତ ଥାନାରେ ଭାଜପା ଏତଲା ଦେଇଥି। ବିଧାୟକ ସୁବାସଚନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ ବହୁ ଦଳୀୟ କର୍ମୀ ଆସି ଦେବଗଡ଼ ଥାନା ସାମ୍ନାରେ ବିକ୍ଷୋଭ କରିଥିଲେ। ପରେ ରାଜ୍ୟ ଡିଜିପି, କମିଶନର, ଏସ୍‌ପି ନାଁରେ ଥାନାରେ ଏତଲା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌର ପରିଷଦ ଉପନଗରପାଳ ପ୍ରଜିତ ଭୋଜ, ଦିବ୍ୟଶଙ୍କର ଖୁଣ୍ଟିଆ, ଭୋଳା ବେହେରା, ନରୋତ୍ତମ ସାହୁ, ସରୋଜ ପାଢ଼ୀଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ। ସେହିପରି ଅନୁରୂପ ଭାବରେ ଯୁବମୋର୍ଚ୍ଚା ପକ୍ଷରୁ ରାଜ୍ୟ ଯୁବ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ସୁଧୀର ବ୍ରହ୍ମା, ଯୁବ ନେତା ଦୟାଶଙ୍କର ଦ୍ୱିବେଦୀ ଦେବଗଡ଼ ଥାନାରେ ଏତଲା ଦେଇଥିଲେ।

## ଭୀମ ଭୋଇ କଲେଜରେ ଏନ୍‌ସିସି ୟୁନିଟ ଉଦ୍‌ଘାଟିତ

ରେଢାଖୋଲ,୩।୩(ଡି.ଏନ.ଏ.)

ରେଢାଖୋଲ ଭୀମଭୋଇ କଲେଜରେ ଶୁକ୍ରବାର ଏନସିସି ୟୁନିଟ ଉଦ୍‌ଘାଟିତ ହୋଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ଇଂ ରୋହିତ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉଦଘାଟନୀ ସମାରୋହରେ କଲେଜ ଅଧକ୍ଷ ଦିଲିପ କୁମାର ଦାଶ ଅଧକ୍ଷତା କରିଥିଲେ । ଏନସିସି -୫ ଓଡିଶା ବାଟାଲିୟନର କମାଣ୍ଡିଙ୍ଗ ଅଫିଂସର କର୍ଣ୍ଣେଲ ସି.ସି ନାଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ପ୍ରଭାବତୀ ଗୁରୁ ଓ ସୁବେଦାର ମେଜର ପ୍ରକାଶ ସିଂ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସମ୍ବଲପୁର ଜିଲାର ୮ଟି କଲେଜର ଅଧକ୍ଷ, ଅଧାପକ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ସମାରୋହକୁ ଅଧାପକ ଅଞ୍ଜନ କୁମାର ମିଶ୍ର ସଂଯୋଜନା କରିଥିଲେ । ପ୍ରାଧାପିକା ସୁପ୍ରିୟା ମଲ୍ଲିକ, ମମତା ମହାପାତ୍ର, ପ୍ରାଧାପକ ଅରୁଣ କୁମାର ଶାସନୀ, ଡ. ରବିଚନ୍ଦ୍ର ସିଂ, ଡ.ଦିବ୍ୟଲୋଚନ ରାଉତଙ୍କ ସମେତ କଲେଜର ଛାତ୍ରୀଛାତ୍ର ଯୋଗ ଦେଇଥିଲେ।




ଭୀମ ଭୋଇ କଲେଜରେ ଏନସିସି ୟୁନିଟ ଉଦ୍‌ଘାଟନୀ ଅବସରରେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ଉଦ୍‌ବୋଧନ ଦେଉଛନ୍ତି।

# କାମ ହୋଇନି, ବିଲ୍ ଉଠିଛି

**ପଞ୍ଚରା ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମରେ ଅନିୟମିତତା**

- ଜିଆର୍‌ଏସ୍, ଗ୍ରାମ ସଂଯୋଜକଙ୍କୁ କାରଣ ଦର୍ଶାଅ ନୋଟିସ୍
- ଅଭିଯୋଗ ପରେ ଶ୍ରମିକ ଲଗାଇ କାମ ଆରମ୍ଭ କରାଗଲା

କୁତ୍ରା, ୩।୩ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ପଞ୍ଚରା ପଞ୍ଚାୟତରେ ଏମ୍‌ଜିଏନ୍‌ଆରଇଜିଏସ୍ କାମରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ପଞ୍ଚାୟତର କୁସୁମଡେଗି ପାହାଡପଡ଼ା ଓ କୁସୁମଡେଗି ଗୋସେଇପଡା କାଜୁ ବଗିଚା ନିକଟରେ ଏହି ଯୋଜନାରେ ୨ଟି ପୋଖରୀ ଖୋଳା ହେବା କଥା। କିନ୍ତୁ ପୋଖରୀ ନ ଖୋଳି ଶ୍ରମିକ ପାଉଣା ବାବଦକୁ କୁସୁମଡେଗି ପାହାଡପଡ଼ା ପ୍ରକଳ୍ପ ପାଇଁ ୫୧୯୪୮ ଟଙ୍କା ଓ ଗୋସେଇପଡା ପ୍ରକଳ୍ପ ପାଇଁ ୬୨୧୬ ଟଙ୍କା ଉଠାଇ ନିଆଯାଇଛି। ପଞ୍ଚାୟତ ନିର୍ବାହୀ ଅଧିକାରୀ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା କାର୍ଯ୍ୟ ତଦାରଖ କରିବା ସମୟରେ ଏହି ଅନିୟମିତତା ପଦାକୁ ଆସିଛି। ବିଡିଓ ରବୀନ୍ଦ୍ର କୁମାର ସେଠୀ ଏ ନେଇ ଅବଗତ ହେବା ପରେ ପଞ୍ଚରା ଗ୍ରାମ ରୋଜଗାର ସେବକ ଓ କୁସୁମଡେଗିର ୨ ଜଣ ଗ୍ରାମ ସଂଯୋଜକଙ୍କୁ ଅର୍ଥ ବାଟମାରଣା କରିବା ଅଭିଯୋଗରେ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ଲିଖିତ ଉତ୍ତର ମାଗିଛନ୍ତି। ତେବେ ଏହି ଘଟଣା ଜଣାପଡିବା ପରେ ଶୁକ୍ରବାର ସକାଳେ ତରବରିଆ ଭାବେ ସେଠାରେ ଶ୍ରମିକ ଲଗାଇ କାମ ଆରମ୍ଭ କରାଯାଇଥିବା ଦେଖିବାକୁ ମିଳିଛି। ଅନିୟମିତତାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।



ଅନିୟମିତତା ଜଣାପଡ଼ିବା ପରେ ଶ୍ରମିକ ଲଗାଇ କାମ କରାଯାଉଛି।

## ୫ରୁ ରାଜ୍ୟସ୍ତରୀୟ ହୋଲି ଶିବିର

ସମ୍ବଲପୁର,୩।୩(ବ୍ୟୁରୋ)

ରାଜ୍ୟସ୍ତରୀୟ ହୋଲି ଶିବିର ଆସନ୍ତା ୫ରୁ ୮ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ଜିଲା ଦେଦର ନୂଆପାଲି ଉଦିୟମାନ ମାତୃ କ୍ଷେତ୍ରଠାରେ ଅନୁଷ୍ଠିତ ହେବ। ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ଚଳିତବର୍ଷ ସୁବର୍ଣ୍ଣ ଜୟନ୍ତୀ ହୋଲି ଶିବିରରେ ବିବିଧ କାର୍ଯ୍ୟକ୍ରମ ହେବ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୧ହଜାର ଭକ୍ତମାନେ ଯୋଗଦାନ କରିବା କାର୍ଯ୍ୟକ୍ରମ ରହିଛି। ଶୁକ୍ରବାର ସମ୍ବଲପୁର ଶ୍ରୀଅରବିନ୍ଦ ବିଦ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଶିବିର ଆୟୋଜକମାନେ ଏହା କହିଛନ୍ତି। ସେମାନେ ଆହୁରି କହିଥିଲେ ଯେ, ୫ ତାରିଖରେ ହୀରାକୁଦ କେନ୍ଦ୍ରରୁ ସୁସଜ୍ଜିତ ରଥରେ ଫଟୋ ଚିତ୍ରକୁ ଉପବିଷ୍ଟ କରାଯିବା। ଏହାପରେ ଭବ୍ୟ ଶୋଭାଯାତ୍ରା ବାହାରି ସମ୍ବଲପୁର ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିବ। ସେହିପରି ଉଦ୍‌ଘାଟନୀ ଉତ୍ସବରେ ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମର ବିଶିଷ୍ଟ ସାଧକ ଡା.ଲୋକନାଥ ପାଣ୍ଡେ ଓ ମାତୃ ସାଧକ ବକ୍ତା ଡା. ବିରଞ୍ଚି ନାରାୟଣ ମହାପାତ୍ର ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ସ୍ମରଣିକା ଉନ୍ମୋଚିତ ହେବା ସହ ଫଟୋ ପ୍ରଦର୍ଶିତ ହେବ। ଖବରଦାତା ସମ୍ମିଳନୀରେ ମନୋରଞ୍ଜନ ପଟ୍ଟନାୟକ, ଉଦିଦ ପ୍ରସାଦ ବାବୁ, ପ୍ରଫୁଲ କୁମାର ପଣ୍ଡା ଉପସ୍ଥିତ ରହି ଶିବିର ଆୟୋଜନ ଉପରେ ସୂଚନା ଦେଇଥିଲେ।



ହୋଲି ଶିବିର ନେଇ ଶୁକ୍ରବାର ଅରବିନ୍ଦ ବିଦ୍ୟାଳୟଠାରେ ଖବରଦାତା ସମ୍ମିଳନୀ।

## ରାଜ୍ୟସ୍ତରରେ ସମ୍ମାନିତ ହେଲେ ଦେବଗଡ଼ର ଚାଷୀ

ଦେବଗଡ, ୩।୩(ଡି.ଏନ.ଏ.)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରଠାରେ ଓୟୁଏଟି ପକ୍ଷରୁ ଆୟୋଜିତ କୃଷକ ମେଳାରେ ଜିଲାର ରିଆମାଳ ବ୍ଲକ ଅନ୍ତର୍ଗତ କୁଶକୁଳିଆ ଗ୍ରାମର ଉନ୍ନତ ପ୍ରଣାଳୀରେ କରୁଥିବା ଛେଳି ଚାଷୀ ପରମାନନ୍ଦ ବେହେରାଙ୍କୁ ସମ୍ମାନିତ କରାଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ କୃଷି ଓ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢୀ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ସଚିବ ସୁରେଶ ବଶିଷ୍ଟ, ଜାତୀୟ ଧାନ ଗବେଷଣା କେନ୍ଦ୍ର ନିର୍ଦ୍ଦେଶକ ଡ. ଅମରେଶ ନାୟକ, ବନାରସସ୍ଥିତ ଭାରତୀୟ ପନିପରିବା ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ତୁଷାରକାନ୍ତି ବେହେରା, ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକ ହେମନ୍ତ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚାଷୀ ବେହେରାଙ୍କୁ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ଚାଷୀ ବେହେରା ଗତ ୩ ବର୍ଷ ହେଲା ଜିଲା କୃଷି ବିଜ୍ଞାନ କେନ୍ଦ୍ର ସହଯୋଗରେ ଉନ୍ନତ ପ୍ରଣାଳୀରେ ଛେଳି ଚାଷ ଆରମ୍ଭ କରିଥିଲେ। ରିଆମାଳ ପଶୁ ଚିକିତ୍ସକ ଡ.ଶୁଭଶ୍ରୀ ଷଡଙ୍ଗୀ ତାଙ୍କୁ ଆବଶ୍ୟକୀୟ ବୈଷୟିକ ଜ୍ଞାନକୌଶଳ ପାଇଁ ତାଲିମ ପ୍ରଦାନ କରିଥିଲେ । ଗତବର୍ଷ ବେହେରା ଛେଳି ଚାଷରୁ ପ୍ରାୟ ୩ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଲାଭ ପାଇଥିବା ପ୍ରକାଶ କରିଛନ୍ତି। ତାଙ୍କ ସଫଳତା ପାଇଁ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ.ସୁଜିତ ନାଥ ଏବଂ ଅନ୍ୟଅଧିକାରୀମାନଙ୍କୁ କୃତଜ୍ଞତା ଜଣାଇଛନ୍ତି।



ଚାଷୀ ପରମାନନ୍ଦ ବେହେରାଙ୍କୁ ସମ୍ମାନିତ କରାଯାଉଛି।

# ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ହକି, ତୀରନ୍ଦାଜୀ ଚାମ୍ପିୟନଶିପ

ସୁନ୍ଦରଗଡ଼, ୩।୩(ଡି.ଏନ.ଏ.)

ସ୍ଥାନୀୟ ଟାଉନ ସରକାରୀ ଉଚ୍ଚ ବିଦ୍ୟାଳୟ ଅଧୀନସ୍ଥ ଭବାନୀପୁର୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଶୁକ୍ରବାର ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ହକି ଓ ତୀରନ୍ଦାଜ ଚାମ୍ପିୟନଶିପ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଙ୍ଗଠନ ଏବଂ ସୁନ୍ଦରଗଡ଼ ଜିଲା ବିଦ୍ୟାଳୟ କ୍ରୀଡ଼ା ସଙ୍ଗଠନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାର ଉଦ୍‌ଘାଟନ କରିବା ସହିତ କ୍ରୀଡାବିତମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ୧୭ଟି ଜିଲାରୁ ହକିରେ ୧୭ବର୍ଷ ବର୍ଗରେ ୧୯୫ ଜଣ ବାଳକ ଓ ବାଳିକା ବର୍ଗରେ ୧୨୦ ଜଣ କ୍ରୀଡ଼ାବିତ ଭାଗ ନେଇଛନ୍ତି। ସେହିପରି ତୀରନ୍ଦାଜ ପ୍ରତିଯୋଗିତାରେ ୧୭ବର୍ଷ ବର୍ଗରେ ୨୫ ବାଳକ ଓ ୨୭ ଜଣ ବାଳିକା ରହିଛନ୍ତି। ତୀରନ୍ଦାଜର ୧୪ ବର୍ଷ ବର୍ଗରେ ୧୯ ବାଳକ ଓ ୧୮ ଜଣ ବାଳିକା ଯୋଗଦାନ କରିଥିଲେ।

ହକିରେ ସେମି ଫାଇନାଲକୁ ବାଳକ ବର୍ଗରେ ଦେଓଗଡ, ସମ୍ବଲପୁର, ସୁନ୍ଦରଗଡ଼ ଓ ଢେଙ୍କାନାଳ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ବାଳିକା ବର୍ଗରେ ଦେଓଗଡ, ଅନୁଗୋଳ, ଢେଙ୍କାନାଳ ଓ ସୁନ୍ଦରଗଡ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଥମ ମ୍ୟାଚରେ ଗଜପତି, ଗଞ୍ଜାମ ଠାରୁ ୪-୦ରେ, ବରଗଡ କୋରାପୁଟକୁ ୨-୧, ସମ୍ବଲପୁର ବଲାଙ୍ଗୀରକୁ ୨-୦, ଢେଙ୍କାନାଳ ମୟୁରଭଞ୍ଜକୁ ୨-୧, ଦେଓଗଡ ବୌଦ୍ଧକୁ ୩-୦, ସୁନ୍ଦରଗଡ଼ ବରଗଡକୁ ୨-୦, ଅନୁଗୁଳ ଗଞ୍ଜାମକୁ ୨-୦ ରେ ଓ ଢେଙ୍କାନାଳ ଝାରସୁଗୁଡ଼ା ୨-୦ରେ ହରାଇଥିଲା। ପୁଣି ବାଳିକା ବିଭାଗରେ ଅନୁଗୋଳ ଗଞ୍ଜାମକୁ ୨-୦ରେ, ଢେଙ୍କାନାଳ କନ୍ଧମାଳକୁ ୧-୦ ରେ , ଦେଓଗଡ କୋରାପୁଟକୁ ୧-୦ ରେ ଓ ସୁନ୍ଦରଗଡ଼ ସମ୍ବଲପୁରକୁ ୯-୦ରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଏହାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ସେହିପରି ତୀରନ୍ଦାଜର ପ୍ରଥମ ପର୍ଯ୍ୟାୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି।

ଏହି ଉଦ୍‌ଘାଟନୀ ଉତ୍ସବରେ ସହକାରୀ ନିର୍ଦ୍ଦେଶକ ଶାରୀରିକ ଶିକ୍ଷା ମାଧ୍ୟମିକ ଶିକ୍ଷା ପରିଷଦ, ଭୁବନେଶ୍ୱର, କୈଳାଶ ଚନ୍ଦ୍ର ପ୍ରଧାନ, ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ସଦର ଗୋଷ୍ଠୀ ଶିକ୍ଷା ଅଧିକାରୀ, ଲାଲିମା ଗ୍ଲୋରିଆ ଡୁଙ୍ଗଡୁଙ୍ଗ, କୁତ୍ରା ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୁରୁଚରଣ ସାହୁ, ଜିଲା କ୍ରୀଡ଼ା ଅଧିକାରୀ ଅଭିଜିତ ମାହାନ୍ତ, ଢେଙ୍କାନାଳ ଶାରୀରିକ ଶିକ୍ଷା ନିରୀକ୍ଷକ ଜ୍ୟୋତି ପ୍ରସାଦ ପରିଡା, ଟାଉନ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ହୀରାମଣି ମିଞ୍ଜଙ୍କ ସମେତ ବିଭିନ୍ନ ଜିଲାରୁ ଆସିଥିବା କୋଚ ମ୍ୟାନେଜର ,କେନ୍ଦ୍ରୀୟ କାର୍ଯ୍ୟାଳୟ କର୍ମକର୍ତ୍ତା, ଶିକ୍ଷୟିତ୍ରୀଶିକ୍ଷକ ପ୍ରମୁଖ ଦେଇଥିଲେ।

**ସୁନ୍ଦରଗଡ଼ରେ ଚାମ୍ପିୟନଶିପ ଉଦ୍‌ଘାଟନ**






